## ସଂକ୍ଷେପରେ

### ଭୁଲ୍ ଔଷଧ ଖାଇ ୬ରୁ ଊର୍ଦ୍ଧ୍ୱ ଶିଶୁ ଗୁରୁତର

**ବାହାନଗା,୧୨।୩(ଡି.ଏନ.ଏ.):** ବାଲେଶ୍ୱର ଜିଲା ବାହାନଗା ବ୍ଲକ ବରିପଦା ପଞ୍ଚାୟତ ଗିଲିଗଡିଆ ଗ୍ରାମରେ ଶିଶୁମାନଙ୍କୁ ଟିକା ଦେବା ପରେ ଜ୍ୱର ହେବାରୁ ଜ୍ୱର ଔଷଧ ବଦଳରେ ଫଲିକ୍ ଏସିଡ ଆଇରନ୍ ବଟିକା ଖାଇ ୬ରୁ ଊର୍ଦ୍ଧ୍ୱ ଶିଶୁ ଗୁରୁତର ହୋଇପଡିଥିଲେ। ସେମାନେ ବାଲେଶ୍ୱର ମେଡିକାଲରୁ ଚିକିତ୍ସିତ ହୋଇ ଘରକୁ ଫେରିଛନ୍ତି। ବରିପଦା ସ୍ଥିତ ଗିଲିଗଡିଆ ଗ୍ରାମ ୮ ନମ୍ବର ୱାର୍ଡରେ ଥିବା ଅଙ୍ଗନୱାଡି କେନ୍ଦ୍ର ପରିସରରେ ବୁଧବାର ଆରୁହାବାଡ ଏଏନଏମ୍ ସେଣ୍ଟର ତରଫରୁ ଛୋଟ ଛୋଟ ଶିଶୁମାନଙ୍କୁ ଟିକା ଦିଆଯାଇଥିଲା। ଏହି ଟିକା ନେବା ପରେ ଶିଶୁମାନଙ୍କୁ ଜ୍ୱର ହେବାରୁ ପରିବାର ଲୋକେ ଏଏନ୍ଏମ୍‌ଙ୍କ ସହିତ ଯୋଗାଯୋଗ କରିବାରୁ ଶିଶୁମାନଙ୍କ ପରିବାର ଲୋକଙ୍କୁ ଜ୍ୱର ହେଲେ ପାରାସିଟାମଲ ଔଷଧ ଫାଳେ ଲେଖା ପିଲାମାନଙ୍କୁ ଖାଇବାକୁ ଦେବା ପାଇଁ କହିଥିଲେ। ହେଲେ ସେ ଭୁଲବଶତଃ ପାରାସିଟାମଲ ଔଷଧ ବଦଳରେ ଫଲିକ୍ ଏସିଡି ଆଇରନ୍ ଟାବଲେଟ ଦେଇ ଦେଇଥିଲେ। ତେବେ ସେହି ଔଷଧକୁ ୮ ନମ୍ବର ୱାର୍ଡର ୬ଜଣ ଶିଶୁ ଖାଇଥିଲେ। ଏହି ବଟିକା ଖାଇବା ପରେ ଶିଶୁମାନଙ୍କୁ ବାନ୍ତି ଓ ଝାଡା ଆରମ୍ଭ ହୋଇଥିଲା। ଆଉ ଦୁଇଟି ୯ ନମ୍ବର ଓ ୧୦ ନମ୍ବର ୱାର୍ଡର ପିଲାମାନେ ମଧ ଟିକା ନେବା ପାଇଁ ଆସିଥିଲେ। ମୋଟ ୩ଟି ୱାର୍ଡର ୧୫ରୁ ୨୦ ଜଣ ଶିଶୁ ଏହି ବଟିକା ଖାଇ ଅସୁସ୍ଥ ହେବା ପରେ ସୋର ହସପିଟାଲ ଓ ଗୋପାଳପୁର ଚିକିତ୍ସା କେନ୍ଦ୍ର ପରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାକେନ୍ଦ୍ରକୁ ଯାଇ ସୁସ୍ଥ ହେବା ପରେ ଘରକୁ ଫେରିଛନ୍ତି। ଏଏନଏମ୍‌ଙ୍କ ଏପରି ଦାୟିତ୍ୱହୀନତା ପାଇଁ ଗ୍ରାମବାସୀ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।


**ପୂର୍ବ ତଟ ରେଳପଥ**
**ଇଂଜିନିୟରିଂ କାର୍ଯ୍ୟ**
ଫାଇଲ୍ ନଂ.DRM/Engg/KUR/19-20/ E-Tender/55, ତା.05.03.2020ରିଖ

(1) ଟେଣ୍ଡର ବିଜ୍ଞପ୍ତି ସଂ.e-Tender-HQ-KUR-373-2019,ତା.28.02.2020ରିଖ
**ବିବରଣୀ:** କଣାସ ରୋଡ୍ ରେଳ ଷ୍ଟେସନ ଠାରେ 4 bay ପ୍ଲାଟଫର୍ମ ସେଲ୍ଟର ସହିତ ନୂଆ ବୁକିଂ କାଉଣ୍ଟର ଏବଂ ପ୍ରତୀକ୍ଷା ହଲ୍‌ର ନିର୍ମାଣ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 86.82 ଲକ୍ଷ, EMD(ଟଙ୍କାରେ): 1,73,600/-,ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ) : 5,900/-, ଶେଷ ହେବା ଅବଧି : 06 (ଛଅ) ମାସ ।

(2) ଟେଣ୍ଡର ବିଜ୍ଞପ୍ତି ସଂ.e-Tender-North-KUR-374-2019,ତା.02.03.2020ରିଖ
**ବିବରଣୀ:** ଖୋର୍ଦ୍ଧା ରୋଡ୍ ମଣ୍ଡଳର ଜଖପୁରା ଏବଂ ଜେନାପୁର ଷ୍ଟେସନ ମଧ୍ୟରେ କି.ମି.346.696 ଠାରୁ କି.ମି.346.00 ପର୍ଯ୍ୟନ୍ତ ଆରମ୍ଭ ହେବାକୁ ଥିବା (Taking off) ମେସର୍ସ ଟାଟା ଷ୍ଟିଲ ଲିମିଟେଡ୍‌ର ଦକ୍ଷିଣ କନେକ୍ଟିଭିଟି ନିମନ୍ତେ ଅବଶିଷ୍ଟ କାର୍ଯ୍ୟଗୁଡ଼ିକର ସମ୍ପାଦନ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 69.95 ଲକ୍ଷ, EMD(ଟଙ୍କାରେ): 1,39,900/-,ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ) : 5,900/-, ଶେଷ ହେବା ଅବଧି : 06 (ଛଅ) ମାସ ।

(3) ଟେଣ୍ଡର ବିଜ୍ଞପ୍ତି ସଂ.e-Tender-North-KUR-375-2019,ତା.02.03.2020ରିଖ
**ବିବରଣୀ:** ସେସ୍ (Cess) ରେ 3,500 ଘନ ମିଟରର କଠିନ ପଥରକୁ ବାଲାଷ୍ଟ ରୂପେ ମେସିନ୍ ଦ୍ୱାରା 50mm ଆକାରରେ ଭାଙ୍ଗି ଯୋଗାଣ ତଥା ତାହାକୁ ଖୋର୍ଦ୍ଧା ରୋଡ୍ ମଣ୍ଡଳର ଜଖପୁରା ଏବଂ ଜେନାପୁର ଷ୍ଟେସନ ମଧ୍ୟରେ କି.ମି.346.696 ଠାରୁ କି.ମି.346.00 ପର୍ଯ୍ୟନ୍ତ ପ୍ରାରମ୍ଭ ହେବାକୁ ଥିବା (Taking off) ମେସର୍ସ ଟାଟା ଷ୍ଟିଲ ଲିମିଟେଡ୍‌ର ଦକ୍ଷିଣ କନେକ୍ଟିଭିଟିରେ ବିଛାଇବା କାର୍ଯ୍ୟ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 52.22 ଲକ୍ଷ, EMD(ଟଙ୍କାରେ): 1,04,500/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ): 5,900/-, ଶେଷ ହେବା ଅବଧି: 06 (ଛଅ) ମାସ ।

(4) ଟେଣ୍ଡର ବିଜ୍ଞପ୍ତି ସଂ.e-Tender-CENTKUR-376-2019,ତା.28.02.2020ରିଖ
**ବିବରଣୀ:** ଖୋର୍ଦ୍ଧା ରୋଡ୍ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ଭୁବନେଶ୍ୱର ପରିସୀମା ଅଧୀନସ୍ଥ ଭୁବନେଶ୍ୱର-ଲିଙ୍ଗରାଜ ଟେମ୍ପଲ ରୋଡ୍ ମଧ୍ୟରେ କି.ମି.437/3 ଠାରୁ କି.ମି.438/7 ପର୍ଯ୍ୟନ୍ତ କଟିଙ୍ଗ୍ ସ୍ଲୋପ ରକ୍ଷଣ ନିମନ୍ତେ ଟୋ ୱାଲ (Toe wall) ଏବଂ ଷ୍ଟୋନ୍ ପିଚିଙ୍ଗ୍ ବ୍ୟବସ୍ଥା, ସାଇଡ୍ ଡ୍ରେନଗୁଡ଼ିକର ସଫେଇ, ପ୍ରୋଟେକ୍ସନ ୱାଲ (Protection wall), ଟ୍ରୋଲି ରେଫ୍ୟୁଜି, କ୍ୟାଚ୍ ୱାଟର ଡ୍ରେନ (Catch water drain)ଗୁଡ଼ିକର ବ୍ୟବସ୍ଥା ଦ୍ୱାରା ଟ୍ରାକ୍ ପ୍ରୋଫାଇଲର ଉନ୍ନୟନ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ):** 116.76 ଲକ୍ଷ, EMD(ଟଙ୍କାରେ): 2,08,400/-, ଟେଣ୍ଡର ଫର୍ମର ମୂଲ୍ୟ(ଟଙ୍କାରେ): 5,900/-, ଶେଷ ହେବା ଅବଧି: 06 (ଛଅ) ମାସ ।

(5) ଟେଣ୍ଡର ବିଜ୍ଞପ୍ତି ସଂ.e-Tender-SOUTH-KUR-377-2019,ତା.03.03.2020ରିଖ
**ବିବରଣୀ:** 10,000 ଘନ ମିଟରର କଠିନ ପଥରକୁ ବାଲାଷ୍ଟ ରୂପେ ମେସିନ୍ ଦ୍ୱାରା 50mm ଆକାରରେ ଭାଙ୍ଗି ଛତ୍ରପୁର ଡିପୋ ପର୍ଯ୍ୟନ୍ତ ଯୋଗାଣ ତଥା ତାହାକୁ ଖୋର୍ଦ୍ଧା ରୋଡ୍ ମଣ୍ଡଳର ଯେକୌଣସି ପ୍ରକାର ରେଳବାଇ ୱାଗନରେ ବୋଝେଇ କରିବା କାର୍ଯ୍ୟ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ):** 132.57 ଲକ୍ଷ, EMD(ଟଙ୍କାରେ): 2,16,300/-, ଟେଣ୍ଡର ଫର୍ମର ମୂଲ୍ୟ(ଟଙ୍କାରେ): 5,900/-, ଶେଷ ହେବା ଅବଧି: 06 (ଛଅ) ମାସ ।

(6) ଟେଣ୍ଡର ବିଜ୍ଞପ୍ତି ସଂ.e-Tender-SOUTH-KUR-378-2019,ତା.03.03.2020ରିଖ
**ବିବରଣୀ** 15,000 ଘନ ମିଟରର କଠିନ ପଥରକୁ ବାଲାଷ୍ଟ ରୂପେ ମେସିନ୍ ଦ୍ୱାରା 50mm ଆକାରରେ ଭାଙ୍ଗି ଖଲିକୋଟ ଡିପୋ ପର୍ଯ୍ୟନ୍ତ ଯୋଗାଣ ତଥା ତାହାକୁ ଖୋର୍ଦ୍ଧା ରୋଡ୍ ମଣ୍ଡଳର ଯେକୌଣସି ପ୍ରକାର ରେଳବାଇ ୱାଗନରେ ବୋଝେଇ କରିବା କାର୍ଯ୍ୟ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ):** 198.85 ଲକ୍ଷ, EMD(ଟଙ୍କାରେ): 2,49,400/-, ଟେଣ୍ଡର ଫର୍ମର ମୂଲ୍ୟ(ଟଙ୍କାରେ): 5,900/-, ଶେଷ ହେବା ଅବଧି: 09 (ନଅ) ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ (ସମସ୍ତ ଟେଣ୍ଡରଗୁଡ଼ିକ ନିମନ୍ତେ):** ତା.25.03.2020 ରିଖ 1500 ଘଣ୍ଟାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଙ୍ଗ)/ ଖୋର୍ଦ୍ଧା ରୋଡ୍
PR-782/K/19-20


# ବାଳାଶ୍ରମରେ ଅନିୟମିତତା ଅଭିଯୋଗ

**ବାଲେଶ୍ୱର ଅଫିସ,୧୨।୩**

ବାଲେଶ୍ୱର ସହର ନିକଟ ସହଦେବଖୁଣ୍ଟାଠାରେ ଥିବା ଏକ ବାଳାଶ୍ରମରେ ଅନିୟମିତତା ଏବଂ ଶିଶୁ ଯତ୍ନ ଅନୁଷ୍ଠାନକୁ ନିମ୍ନମାନର ଆସବାବପତ୍ର ଯୋଗାଣ ହେଉଥିବା ଅଭିଯୋଗ ହୋଇଛି। ଏହାର ଭିଜିଲାନ୍ସ ତଦନ୍ତ ପାଇଁ ଜିଲା ଶିଶୁ ମଙ୍ଗଳ କମିଟି ସଦସ୍ୟ ଗଣେଶ୍ୱର ରାଉତ ଦାବି କରିଛନ୍ତି।

ଗଣେଶ୍ୱରଙ୍କ ଅଭିଯୋଗ ଅନୁଯାୟୀ ବାଳାଶ୍ରମରେ ରହୁଥିବା ଅନ୍ତେବାସୀଙ୍କ ପାଇଁ ଯୋଗାଣ ବିଭାଗ ପକ୍ଷରୁ ଦିଆଯାଉଥିବା ଚାଉଳର ହେରଫେର, ବାଳାଶ୍ରମ

## ଭିଜିଲାନ୍ସ ତଦନ୍ତ ଦାବି

ପରିଦର୍ଶନରେ ଆସୁଥିବା ବିଶିଷ୍ଟ ବ୍ୟକ୍ତିଙ୍କ ଅନୁଦାନର ହିସାବ ନ ରଖି ଆତ୍ମସାତ କରିବା, ଅନାଥ ପିଲାଙ୍କ ନିମନ୍ତେ ଆସୁଥିବା ଅର୍ଥ, ସାମଗ୍ରୀ ଏବଂ ସରକାରୀ ଚାଉଳର ଆଭ୍ୟନ୍ତରୀଣ ଅଡ଼ିଟ୍ କରାଯାଉନାହିଁ। ଅନ୍ତେବାସୀଙ୍କର ପାଠପଢ଼ା ପ୍ରତି ଉପଯୁକ୍ତ ଧ୍ୟାନ ନ ଦିଆଯିବାରୁ ଦିନକୁ ଦିନ ବିଶୃଙ୍ଖଳା ବଢ଼ିଚାଲିଛି। ଏ ସମ୍ପର୍କରେ ପ୍ରଶାସନଙ୍କୁ ଅବଗତ କରାଇଥିଲେ ମଧ୍ୟ ବିଭାଗୀୟ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଏଭଳି ଅଭିଯୋଗମାନ ଆଣୁଥିବାରୁ ତାଙ୍କୁ କେତେକ ଅଧିକାରୀ ଧମକ ଚମକ ଦେଉଥିବା ଭିଜିଲାନ୍ସ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, ୫-ଟି ସଚିବ ଭି. କାର୍ତ୍ତିକେୟନ ପାଣ୍ଡିଆନ, ମୁଖ୍ୟ ସଚିବ ଅସିତ କୁମାର ତ୍ରିପାଠୀ, ସମାଜ କଲ୍ୟାଣ ଓ ମିଶନ ଶକ୍ତି ନିର୍ଦ୍ଦେଶକ ଅରବିନ୍ଦ ଅଗ୍ରୱାଲ, ମହିଳା ଓ ଶିଶୁ କଲ୍ୟାଣ ବିଭାଗ ପ୍ରମୁଖ ସଚିବ ଅନୁ ଗର୍ଗଙ୍କୁ ସେ ଲିଖିତ ଭାବେ ଜଣାଇଥିବା କହିଛନ୍ତି।

ଏ ସମ୍ପର୍କରେ ସମ୍ପୃକ୍ତ ବାଳାଶ୍ରମ ଦାୟିତ୍ୱରେ ଥିବା ଜିଲା ଶିଶୁ ସୁରକ୍ଷା ଅଧିକାରୀ ଯୁବକ ମାଝିଙ୍କୁ ପଚାରିବାରୁ ସେ କହିଛନ୍ତି, ଜିଲାରେ ବେସରକାରୀ ସେବା ସଂସ୍ଥା ମାଧ୍ୟମରେ ଦୀର୍ଘଦିନ ଧରି ଏକ ଗୋଷ୍ଠୀ ଅନାଥ ପିଲାମାନଙ୍କ ପାଇଁ ଆସୁଥିବା ସରକାରୀ ଅର୍ଥକୁ ହଡ଼ପ କରୁଥିଲେ। ଜିଲା ପ୍ରଶାସନର ନିର୍ଦ୍ଦେଶରେ ସମସ୍ତ କାର୍ଯ୍ୟକୁ ବ୍ୟବସ୍ଥିତ କରାଯାଉଥିବାବେଳେ ସେମାନଙ୍କ ସ୍ୱାର୍ଥରେ ବାଧା ଆସୁଥିବା କାରଣରୁ ମିଥ୍ୟା ଅଭିଯୋଗ ଆଣି ପ୍ରଶାସନକୁ ବଦନାମ୍ କରିବାର ଅପଚେଷ୍ଟା କରୁଛନ୍ତି। ବାଳାଶ୍ରମରେ କୌଣସି ବେଆଇନ କାର୍ଯ୍ୟ ହେଉନାହିଁ। ଅନ୍ୟପକ୍ଷରେ ଦୀର୍ଘଦିନ ଧରି ହୋଇପାରୁ ନ ଥିବା କାର୍ଯ୍ୟକୁ ଠିକ୍ ଭାବେ ସମ୍ପାଦନ କରାଯାଉ ଥିବା ସେ ପ୍ରକାଶ କରିଛନ୍ତି।



ମହିଳା ଭକ୍ତମାନେ ହରିନାମ ସଂକୀର୍ତ୍ତନ କରୁଛନ୍ତି।

# ଶ୍ରୀଚୈତନ୍ୟ ଦେବଙ୍କ ଜନ୍ମୋତ୍ସବ

**ବାଲିଆପାଳ,୧୨।୩(ଡି.ଏନ.ଏ.):** ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ପାରୁଳିଆ ଛକ ନିକଟ ଇସ୍କନ ମନ୍ଦିରରେ ଭଗବାନ ଶ୍ରୀଚୈତନ୍ୟ ଦେବଙ୍କ ଜନ୍ମୋତ୍ସବ ସୋମବାର ପାଳିତ ହୋଇଥିଲା। ମନ୍ଦିର ପ୍ରାଙ୍ଗଣରେ ଗୌଡ଼ୀୟ ବୈଷ୍ଣବ ସମ୍ପ୍ରଦାୟର ଭକ୍ତମାନଙ୍କ ଗହଳି ପ୍ରାତଃରୁ ସନ୍ଧ୍ୟା ପର୍ଯ୍ୟନ୍ତ ଲାଗି ରହିଥିଲା। ପ୍ରଭୁଙ୍କର ମଙ୍ଗଳ ଆଳତୀ, ଦର୍ଶନ ଆଳତୀ, ଅଖଣ୍ଡ ହରିନାମ, ସଂକୀର୍ତ୍ତନ, ମହାପ୍ରଭୁଙ୍କର ଆବିର୍ଭାବ, ମହିମା ପାଠ, ରାଜଭୋଗ ଆଳତୀ, ଗୌର ନିତାଇଙ୍କ ମହାଅଭିଷେକ, ହରିକଥାମୃତ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବ୍ରହ୍ମଚାରୀ ଅଦ୍ୱୈତ କୃଷ୍ଣ ଦାସ, ହରେକୃଷ୍ଣ ଦାସ, ସୁରଥ ନନ୍ଦୀ, ଖଗପତି କୃଷ୍ଣଦାସ, ବିଦ୍ୟାଧର କୃଷ୍ଣଦାସ, ସତ୍ୟଗୌର ଦାସ, ଗୋବର୍ଦ୍ଧନ କୃଷ୍ଣଦାସ, ବଳରାମ କୃଷ୍ଣଦାସ ପ୍ରମୁଖ ଯୋଗଦେଇଥିଲେ।

# ‘ଟଙ୍କା ଦିଅ ବାର୍ଦ୍ଧକ୍ୟ, ବିଧବା ଭତ୍ତା ନିଅ’

**ବାଲେଶ୍ୱର ଅଫିସ,୧୨।୩**

ବାଲେଶ୍ୱର ଜିଲା ଔପଦା ବ୍ଲକ ଅଘିରାପଦା ପଞ୍ଚାୟତର ହିତାଧିକାରୀମାନଙ୍କୁ ‘ଟଙ୍କା ଦିଅ ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା ନିଅ’ ବୋଲି

## ତଦନ୍ତ ନିର୍ଦ୍ଦେଶ ଦେଲେ ଜିଲାପାଳ

କୁହାଯାଉଥିବା ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କଠାରେ ଗୁରୁବାର ଅଭିଯୋଗ ହୋଇଛି। ଜିଲାପାଳ ଅଭିଯୋଗ ପାଇବା ପରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସନ୍ତୋଷ କୁମାର ସାବତ, ଜିଲା ପଞ୍ଚାୟତ



ଅଭିଯୋଗକାରୀଙ୍କ ସହ ଆଲୋଚନା କରୁଛନ୍ତି ଜିଲାପାଳ।

ଅଧିକାରୀ ନିମାଇଁ ଚରଣ ମହାନ୍ତି ଏବଂ ଜିଲା ଶିକ୍ଷାଧିକାରୀ ପ୍ରମୋଦ କୁମାର ଷଡ଼ଙ୍ଗୀଙ୍କୁ ଡାକି ଅଭିଯୋଗର ତଦନ୍ତ କରି ଯଥାଶୀଘ୍ର ରିପୋର୍ଟ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ଏନେଇ ହିତାଧିକାରୀମାନେ ସ୍ଥାନୀୟ ବିଡ଼ିଓ, ଉପଜିଲାପାଳ, ବିଭାଗୀୟ ଜିଲା ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଲା ପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ କହନ୍ତି, ସରକାରଙ୍କ ନୀତିନିୟମ ଅନୁସାରେ ପ୍ରକୃତ ହିତାଧିକାରୀମାନଙ୍କୁ ସହାୟତା ଯୋଗାଇ ଦେବାର ସମସ୍ତ ବ୍ୟବସ୍ଥା ଉପଲବ୍ଧ ଥିବା ବେଳେ ବ୍ଲକ ଓ ପଞ୍ଚାୟତସ୍ତରରେ ଅଧିକାରୀମାନଙ୍କର ଦାୟିତ୍ୱ ଗୁରୁତ୍ୱପୂର୍ଣ୍ଣ। ସେମାନେ ଠିକ୍ ଭାବେ କାର୍ଯ୍ୟ କଲେ ଏପରି ଅଭିଯୋଗ ଆସନ୍ତା ନାହିଁ। ଅଭିଯୋଗକୁ ଭିତ୍ତିକରି ତଦନ୍ତ କରାଯିବ ଏବଂ ସତ୍ୟାସତ୍ୟ ଉପରେ ଆଧାର କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି।

# ଟ୍ରକରୁ ଖସି ୨ ଶ୍ରମିକ ଆହତ

**ସୋର, ୧୨।୩(ଡି.ଏନ୍.ଏ.):** ସୋର ବ୍ଲକ ମଧୁମୁହାଣ ପଞ୍ଚାୟତ ବାଗୁଡ଼ିଠାରେ ଗୁରୁବାର ଅପରାହ୍ନରେ ଏକ ଟ୍ରକରେ ପାଲ ଟାଣିବା ବେଳେ ଗୋଡ଼ ଖସିଯିବାରୁ ତଳେ ପଡ଼ିଯାଇ ଦୁଇଜଣ ଶ୍ରମିକ ଆହତ ହୋଇଛନ୍ତି। ଉଭୟଙ୍କୁ ସୋର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଉମରକୋଟ ଅଞ୍ଚଳର କେ. ଶ୍ରୀନିବାସ ସହ ଅନ୍ୟଜଣେ ସାଥୀ ପଥର ବୋଝେଇ ଏକ ଟ୍ରକରେ ପାଲ ଭିଡୁଥିଲେ। ଏହିସମୟରେ ଏକ ଘଡଘଡ଼ି ମାରି ଅଚାନକ ବର୍ଷା ହେବା ଫଳରେ ତାଙ୍କର ଗୋଡ଼ି ଖସିଯିବାରୁ ତଳେ ପଡ଼ିଯାଇଥିଲେ।


**ICAR-NATIONAL RICE RESEARCH INSTITUTE**
CUTTACK- 753 006 (ODISHA), INDIA
(Previously Known as CRRI)

**ADVT.NO. 45/SS/2019**

Walk in Interview is to be held on **03.04.2020 at 10:30 a.m.** for one (01) Support Staff at the National Rice Research Institute, Cuttack in the scheme **"RKVY-RAFTAAR Agri Business Incubator (EAP-284)"**.The details regarding essential qualifications, age and time of interview, amount of emoluments and other terms and conditions are available in NRRI website-**www.icar-nrri.in**.

PRINCIPAL INVESTIGATOR


# ନାବାଳିକାଙ୍କ ବିବାହକୁ ବିରୋଧ

**ବାଲେଶ୍ୱର ଅଫିସ, ୧୨।୩**

ବାଲେଶ୍ୱର ସଦର ଥାନା ଅଞ୍ଚଳର ଜଣେ ୧୩ ବର୍ଷର ନାବାଳିକାଙ୍କୁ ବିବାହ କରାଯାଉଥିବା ବେଳେ ତାଙ୍କ ସମ୍ପର୍କୀୟ ଓ ପିଉସୀ ଥାନାରେ ଅଭିଯୋଗ କରିଛନ୍ତି। ଏହି ବିବାହ ବନ୍ଦ ପାଇଁ ସେମାନେ ସିଡ଼ିପିଓଙ୍କୁ ଜଣାଇଥିଲେ। ସିଡିପିଓ ପୋଲିସ ସହାୟତାରେ ଏକ ଟିମ୍ ପଠାଇ ବିବାହକୁ ରୋକିବା ପାଇଁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଛନ୍ତି।

ନାବାଳିକାଙ୍କ ମା’ଙ୍କ ନିଷ୍ପତ୍ତି ଅନୁସାରେ ଜଣେ ଭିନ୍ନକ୍ଷମ ସହିତ ବିବାହ କରାଯାଉଥିଲା। ନାବାଳିକାଙ୍କ ଦାଦା ଓ ପିଉସୀ ମିଳିତ ଭାବେ ବିରୋଧ କରିଥିଲେ। ପରେ ସିଡ଼ିପିଓଙ୍କୁ ଖବର ଦେଇଥିଲେ। ପୋଲିସ ସହାୟତାରେ

## ଥାନାରେ ଦୁଇ ମାମଲା

ସିଡ଼ିପିଓ ଏକ ଟିମ୍ ପଠାଇ ବାହାଘରକୁ ବନ୍ଦ କରିବା ପାଇଁ ଚେଷ୍ଟା କରୁଥିବା ବେଳେ କେତେକ ଲୋକ ଅଧା ବାହାଘରରୁ ନାବାଳିକାଙ୍କୁ ଧରି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଫଳରେ ଉଭୟ ପକ୍ଷ ମଧ୍ୟରେ ମାରପିଟ୍ ହୋଇଥିଲା। ନାବାଳିକାଙ୍କ ମା’ ଓ ତାଙ୍କ ସମ୍ପର୍କୀୟଙ୍କ ଅଭିଯୋଗ ଅନୁଯାୟୀ, ସଦର ଥାନାରେ ୨ଟି ମାମଲା (ନଂ. ୭୨/୨୦ ଏବଂ ୭୩/୨୦) ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ଅନ୍ୟପକ୍ଷରେ ଜିଲା ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଭାଗିରଥି ବାରିକ ସେପରି କୌଣସି ନାବାଳିକା ଉଦ୍ଧାର ହୋଇ ନ ଥିବା କହିଛନ୍ତି।


**୩୮ତମ ରାଜ୍ୟସ୍ତରୀୟ ଚାରୁକଳା ପ୍ରଦର୍ଶନୀ ଓ ପୁରସ୍କାର ପ୍ରଦାନ ଉତ୍ସବ**
ସ୍ଥାନ : ବୁଦ୍ଧ ଆର୍ଟ ଗ୍ୟାଲେରି, ନୀଳାଦ୍ରି ବିହାର, ଭୁବନେଶ୍ୱର
ତା ୧୩.୦୩.୨୦୨୦ରିଖ ସନ୍ଧ୍ୟା ୬.୩୦ମିନିଟ୍

**ମୁଖ୍ୟ ଅତିଥି :** **ପ୍ରଫେସର ଡ. ଗଣେଶୀ ଲାଲ**
ଓଡ଼ିଶାର ମାନ୍ୟବର ରାଜ୍ୟପାଳ

**ବିଶିଷ୍ଟ ଅତିଥି :** **ଶ୍ରୀଯୁକ୍ତ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ,** ମାନ୍ୟବର ମନ୍ତ୍ରୀ
ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା

**ସମ୍ମାନିତ ଅତିଥି :** **ଶ୍ରୀଯୁକ୍ତ ମନୋରଞ୍ଜନ ପାଣିଗ୍ରାହୀ,** ଭା.ରା.ସେ.
ପ୍ରମୁଖ ଶାସନ ସଚିବ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା
**ଶ୍ରୀଯୁକ୍ତ ବିଜୟ କୁମାର ନାୟକ,** ଭା.ପ୍ର.ସେ.
ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ,
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା
**ଶ୍ରୀମତୀ ମନସ୍ୱିନୀ ସାହୁ,** ଓ.ପ୍ର.ସେ.(ବ)
ଯୁଗ୍ମ ଶାସନ ସଚିବ ତଥା ସ୍ୱତନ୍ତ୍ର ଦାୟିତ୍ୱ ନିର୍ବାହୀ ଅଧିକାରୀ,
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ଲଳିତ କଳା ଏକାଡେମୀ

**ପୌରୋହିତ୍ୟ :** **ସୁଦର୍ଶନ ପଟ୍ଟନାୟକ,** (ପଦ୍ମଶ୍ରୀ ପୁରସ୍କୃତ)
ସଭାପତି, ଓଡ଼ିଶା ଲଳିତ କଳା ଏକାଡେମୀ
ଉକ୍ତ ଉତ୍ସବରେ ଯୋଗଦେବାକୁ ଆପଣଙ୍କୁ ସାଦର ନିମନ୍ତ୍ରଣ।
**ଗଜେନ୍ଦ୍ର ପ୍ରସାଦ ସାହୁ**
ସଚିବ, ଓଡ଼ିଶା ଲଳିତ କଳା ଏକାଡେମୀ

**ବିଶେଷ ଆକର୍ଷଣ:** ଚିତ୍ରଶିଳ୍ପୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ।

**ଆୟୋଜକ :** **ଓଡ଼ିଶା ଲଳିତ କଳା ଏକାଡେମୀ**
(ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ)
ସଂସ୍କୃତି ଭବନ, ସଂଗ୍ରହାଳୟ ପରିସର, ଭୁବନେଶ୍ୱର-୧୪
ଦୂରଭାଷ : ୦୬୭୪-୨୪୩୧୬୧୨, ୨୪୩୧୬୧୧



**ICAR-NATIONAL RICE RESEARCH INSTITUTE**
CUTTACK- 753 006 (ODISHA), INDIA
(Previously Known as CRRI)

**ADVT.NO. 46/SPA/PA/FW/2019**

Walk in Interviews are to be held on **07.04.2020 at 10:30 a.m.** for one **(01) Senior Project Associate** and one **(01) Project Associate**, on **08.04.2020 at 10:30 a.m.** for **two (02) Field Workers** at the National Rice Research Institute, Cuttack in the scheme **"Development of superior haplotype based near isogenic line (Haplo-NILs) for enhanced genetic gain in rice"(EAP-310)**.The details regarding essential/desirable qualifications, age, amount of emoluments and other terms and conditions are available in NRRI website- **www.icar-nrri.in**.

PRINCIPAL INVESTIGATOR


# ୬ ଚୋରା ମଦ ବେପାରୀ ଗିରଫ

**ଜଳେଶ୍ୱର/ବସ୍ତା, ୧୨।୩ (ସ୍ୱ.ପ୍ର./ଡି.ଏନ.ଏ.)**

ବାଲେଶ୍ୱର ଜିଲାର ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ୬ ଜଣ ଚୋରା ମଦ ବେପାରୀଙ୍କୁ ଗିରଫ କରାଯାଇଛି। ଗୁରୁବାର ଜିଲା ଅବକାରୀ ଏସ୍‌ପି ବିବେକାନନ୍ଦ ନାୟକଙ୍କ ନିର୍ଦ୍ଦେଶକ୍ରମେ ଏକ ୧୮ଜଣିଆ ଟିମ୍ ଜଳେଶ୍ୱର ଥାନାର ଆରୁହା ପଞ୍ଚାୟତର ନିମପୁର, ଚକଅର୍ଜୁନୀ, ଶାଳିକୋଠା, ସୁଗୋ ଓ କମର୍ଦ୍ଦା ଥାନା ଅନ୍ତର୍ଗତ ବାଉଁଶଡ଼ିଆଠାରେ ଚଢ଼ାଉ କରାଯାଇଛି। ଏଥିରେ ସମ୍ପୃକ୍ତ ଶାଳିକୋଠା ଗାଁର ଗଣେଶ ସିଂ, ନିମପୁର ଗାଁର ଛବିରାଣୀ ହେମ୍ବ୍ରମ, ସୁଗୋର ଦିଲୀପ ପରିଡ଼ା, ବାଉଁଶଡିହା ଗାଁର ଦୀନବନ୍ଧୁ ଜେନାଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ସେହିପରି ବସ୍ତା ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ଚୋରା ଦେଶୀ ମଦ ବିକ୍ରି ଅଭିଯୋଗରେ ୨ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଗମ୍ଭାରିଆ ଗ୍ରାମର ଟିମା ଟୁଡୁ, ବସ୍ତା ଥାନା ସନ୍ତୋଷପୁର ଗ୍ରାମର ମୁନି ମାରାଣ୍ଡି।


**DIRECTORATE OF DISTANCE & CONTINUING EDUCATION**
UTKAL UNIVERSITY
BHUBANESWAR-751007
NAAC Accredited A+

**NOTICE**
FOR THE STUDENTS APPEARING +3 1ST YR., 2ND YR, 3RD YR (TRADITIONAL B.A. / B.COM) ADMISSION BATCH 2014, 2015, 2016

All the examination center of above examinations,2020 will be conducted at DDCE, Utkal University center only. Students are advised to visit the website **www.ddceutkal.ac.in** for detail information, examination schedule and admit card.

DIRECTOR
Admn Advt-10


# ବେଆଇନ ମଦ ଦୋକାନ ଭାଙ୍ଗିଲେ ଅସନ୍ତୁଷ୍ଟ ମହିଳା



ମହିଳାମାନେ ମଦ ନଷ୍ଟ କରୁଛନ୍ତି।

**ଖଇରା, ୧୨।୩(ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ବ୍ଲକ ଗଗନଧୂଳି ପଞ୍ଚାୟତ ଅଧୀନ ରାଇଗଡିଆ ଗ୍ରାମରେ ଗତ ୫ବର୍ଷରୁ ଊର୍ଦ୍ଧ୍ୱ ହେଲା ବେଆଇନ ମଦ ବିକ୍ରୟ କେନ୍ଦ୍ର ଚାଲିଥିବା ଅଭିଯୋଗ ହୋଇଥିଲା। ଧୀରେ ଧୀରେ ଗ୍ରାମ ପରିବେଶ ଅଶାନ୍ତ ହୋଇ ପଡିଥିଲା। ପ୍ରତ୍ୟେକ ସନ୍ଧ୍ୟାରେ ଅଧିକାଂଶ ପରିବାରରେ ବିଶୃଙ୍ଖଳା ଦେଖାଦେଇଥିଲା। ଏନେଇ ବହୁ ଥର ପ୍ରଶାସନକୁ ଗୁହାରି କଲେ ମଧ୍ୟ କିଛି ଫଳ ମିଳିଲାନି। ଶେଷରେ ଅଣ୍ଟା ଭିଡିଥିଲେ ମହିଳା ଗୋଷ୍ଠୀ। ଗୁରୁବାର ଉକ୍ତ ମଦ ବିକ୍ରେତାଙ୍କ ଘରକୁ ଯାଇ ଗଚ୍ଛିତ ଥିବା ମଦକୁ ଆଣି ସର୍ବସମ୍ମୁଖରେ ନଷ୍ଟ କରିଥିଲେ।


**ଓଡ଼ିଶା ସରକାର**
**ଜଙ୍ଗଲ ଓ ପରିବେଶ ବିଭାଗ**

**ପ୍ରକୃତି ମିତ୍ର ଓ ପ୍ରକୃତି ବନ୍ଧୁ ପୁରସ୍କାର : ୨୦୧୯-୨୦**

ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ତରଫରୁ ପରିବେଶ ସଂରକ୍ଷଣ ତଥା ପରିବେଶ ସମ୍ପର୍କରେ ଜନସଚେତନତା ସୃଷ୍ଟି କ୍ଷେତ୍ରରେ ରାଜ୍ୟର ଗ୍ରାମ / ଶିକ୍ଷାନୁଷ୍ଠାନ / ରେଜେଷ୍ଟ୍ରିଭୁକ୍ତ ସଂସ୍ଥା ଏବଂ ବ୍ୟକ୍ତିବିଶେଷଙ୍କର ଅବଦାନକୁ ଉତ୍ସାହିତ କରିବା ପାଇଁ ଯଥାକ୍ରମେ ପ୍ରକୃତି ମିତ୍ର ଓ ପ୍ରକୃତି ବନ୍ଧୁ ପୁରସ୍କାର ଦିଆଯାଏ । ଆସନ୍ତା ୫ ଜୁନ୍, ୨୦୨୦ ବିଶ୍ୱ ପରିବେଶ ଦିବସରେ ପ୍ରତି ବ୍ଲକରୁ ଏକ ଗ୍ରାମ/ ଶିକ୍ଷାନୁଷ୍ଠାନ/ ରେଜେଷ୍ଟ୍ରିଭୁକ୍ତ ସଂସ୍ଥାକୁ ମାନପତ୍ର ସହ ଟ୨୦,୦୦୦/- (କୋଡ଼ିଏ ହଜାର ଟଙ୍କା) “ପ୍ରକୃତି ମିତ୍ର” ପୁରସ୍କାର ଏବଂ ଜଣେ ବ୍ୟକ୍ତିଙ୍କୁ ମାନପତ୍ର ସହ ଟ୧୦,୦୦୦/- (ଦଶ ହଜାର ଟଙ୍କା) “ପ୍ରକୃତି ବନ୍ଧୁ” ପୁରସ୍କାର ପ୍ରଦାନ କରାଯିବ । ମନୋନୟନ ଫର୍ମର ନମୁନା ତଥା ନିୟମାବଳୀ Centre for Environmental Studies ର Website www.cesorissa.org ରୁ ବା ସଂପୃକ୍ତ ଜିଲ୍ଲା ପରିବେଶ ସମିତିର ସମ୍ପାଦକ କିମ୍ବା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ **ତା୧୬/୩/୨୦୨୦ରିଖରୁ ତା୧୫/୦୪/୨୦୨୦ରିଖ** ମଧ୍ୟରେ ମିଳିପାରିବ । ନିର୍ଦ୍ଧାରିତ ଫର୍ମରେ ମନୋନୟନଗୁଡିକ ଆନୁସଙ୍ଗିକ ପ୍ରମାଣପତ୍ର ସହ **ତା୧୫/୦୪/୨୦୨୦ରିଖ** ସୁଦ୍ଧା ସମ୍ପୃକ୍ତ ଜିଲ୍ଲାପାଳ / ସମ୍ପାଦକ, ଜିଲ୍ଲା ପରିବେଶ ସମିତିଙ୍କ ନିକଟରେ ପହଂଚିବା ଆବଶ୍ୟକ ।

**ଅତିରିକ୍ତ ମୁଖ୍ୟ ଶାସନ ସଚିବ**
**ଜଙ୍ଗଲ ଓ ପରିବେଶ ବିଭାଗ**



**GANGADHAR MEHER UNIVERSITY, SAMBALPUR**
SAMBALPUR-768004, ODISHA

**ADVERTISEMENT FOR THE RECRUITMENT OF FACULTY**

Gangadhar Meher University invites application from eligible Indian citizens for the following positions:

1. **Professor** [Scale of Pay: Rs. 1,44,200 – 2,18,200] - 16 Posts.
2. **Associate Professor** [Scale of Pay: Rs. 1,31,400 – 2,17,100] - 18 Posts.

**General Conditions:**

i) The Advertisement is for Regular Positions.
ii) There is an application fee of **INR 2500.00** from candidates belonging to General and SEBC Category. The application fee for SC/ST/PwD and Women candidates is **INR 1500.00**. Those who have applied earlier for the Schools of Botany, Economics and Commerce against Advertisement No. 003/REC/GMU/FAC; Sambalpur; dated 23.07.2019 and Advertisement No. 004/REC/GMU/FAC; Sambalpur; dated 12.09.2019 need not pay any fee.
iii) The link for the detailed advertisement and online application submission module is given herewith **https://recruitment.gmuniversity.ac.in**
iv) The last date for submission of online applications complete in all respects is **2nd April 2020 at 23.59**. The last date of receipt of print copy of the applications with all supporting documents is **7th April 2020 at 17.00**. Online submission of application is mandatory.
v) Application fee is non-refundable. Seven printed hard copies of the application form will be accepted, when sent through Speed-Post / Registered Post / Courier only. The candidate must send one set of supporting documents to validate their data.

**Advt. No. 005/REC/GMU/FAC; Sambalpur; Dated 11th March 2020.**

Sd./- REGISTRAR
GANGADHAR MEHER UNIVERSITY
SAMBALPUR

# ହିନ୍ଦୁ, ମୁସଲମାନଙ୍କ ମିଳନସ୍ଥଳ

## ସୟଦ ହାତିମଶାହା ପୀରବାବାଙ୍କ ପୀଠ

ବାଞ୍ଛାନିଧି ଦେ
ରୂପସା, ୧୨।୩

ବାଲେଶ୍ୱର ଜିଲା ବସ୍ତା ବ୍ଲକ ରାଉତପଡା ପଞ୍ଚାୟତର କାନ୍ଥି ବସ୍ତିରେ ରହିଛି ପ୍ରସିଦ୍ଧ ସୟଦ ହାତିମଶାହା ପୀରବାବାଙ୍କ ପୀଠ। ହିନ୍ଦୁ ଓ ମୁସଲମାନମାନଙ୍କ ବିଶ୍ୱାସର ମିଳନସ୍ଥଳ ପାଲଟିଛି ଏହି ଭକ୍ତି ପୀଠ। ଭକ୍ତମାନେ ଧୂପ, କଦଳୀ, ଭୋଗ ଓ ମାଟି ଘୋଡାଦାନ କରି ପୂଣ୍ୟ ଅର୍ଜନ କରନ୍ତି। ତାଙ୍କ ଆଶିଷରେ ବିପଦମୁକ୍ତ ହୋଇଯାନ୍ତି।

ଜନଶ୍ରୁତି ଅନୁଯାୟୀ, ୧୬୦୦ରୁ ୧୭୦୦ ଖ୍ରୀଷ୍ଟାବ୍ଦରେ କାବୁଲର ସୈନ୍ୟ ଭାବେ କେହି ଜଣେ ବାଦଶାହା ଏହି ରାସ୍ତା ଦେଇ ଫେରୁଥିଲେ। କୌଣସି ଯୁଦ୍ଧରୁ ଫେରୁଥିବାରୁ ସେ କ୍ଳାନ୍ତି ଅନୁଭବ କରୁଥିଲେ। ଜଙ୍ଗଲଭରା ରାସ୍ତାରେ ସୂର୍ଯ୍ୟାସ୍ତ ସମୟ ହୋଇଯିବାରୁ ସେ ସେଠାରେ ବିଶ୍ରାମ ନେଲେ। ନିଜ ଘୋଡାକୁ ଜଙ୍ଗଲରେ ବାନ୍ଧି ଦେଇଥିଲେ। ଏହି ସମୟରେ ଦକ୍ଷିଣ କଳିଙ୍ଗର ରାଜା ବାସୁଦେବ ଗୟାରୁ ତୀର୍ଥ ସାରି ଫେରୁଥିବା ବେଳେ ସେଠାରେ ପହଞ୍ଚି ରାତ୍ରିଯାପନ କଲେ। ଏଠାରେ ପୀରବାବା ଆବିର୍ଭାବ ହୋଇଛନ୍ତି ବୋଲି ସେ ସ୍ୱପ୍ନରେ ଦେଖିଲେ। ତାଙ୍କର ସେବା ଶୁଶ୍ରୂଷା ପାଇଁ କେତେକ ଲୋକଙ୍କୁ ନିଯୁକ୍ତି ପୂର୍ବକ ସେମାନଙ୍କୁ ଜମିଦାରୀ ପ୍ରଦାନ କର ବୋଲି ରାଜାଙ୍କୁ ସ୍ୱପ୍ନାଦେଶ ହୋଇଥିଲା।

ଏହାକୁ ସତ ଭାବି ରାଜା ବାସୁଦେବ ନିଜର କର୍ତ୍ତବ୍ୟ ସମ୍ପାଦନ କରିଥିଲେ। ଏହି ପୀରବାବା ଆଉ କେହି ନୁହନ୍ତି, ଘୋଡା ଚଢି ଆସିଥିବା କାବୁଲର ସେହି କ୍ଳାନ୍ତ ବାଦଶାହା ହାତିମଶାହା ପୀରବାବା ଆବିର୍ଭାବ ହୋଇ ସେହିଦିନଠାରୁ ପୂଜା ପାଇ ଆସୁଛନ୍ତି। ରାତିରେ ବାବା ଘୋଡା ପିଠିରେ ବସି ଗାଁ ପରିକ୍ରମା କରୁଥିବା ବିଶ୍ୱାସ ରହିଛି। ଆରୋଗ୍ୟ ହେବା ସହ ମନସ୍କାମନା ପୂରଣ ପାଇଁ ଭକ୍ତମାନେ ସେଠାରେ ଭିଡ ଜମାନ୍ତି। ବାସ୍ତବରେ ଏହି ଭକ୍ତି ପୀଠ ହିଁ ହିନ୍ଦୁ-ମୁସଲମାନଙ୍କ ମିଳନ ସ୍ଥଳ ବୋଲି ସମସ୍ତେ କୁହନ୍ତି।

**ଘୋଡ଼ା ପିଠିରେ ବସି ଗାଁ ପରିକ୍ରମା କରନ୍ତି ବାବା**



ହାତିମ ଶାହା ପୀରବାବାଙ୍କ ସମାଧି ପୀଠ।

### ଏମାନେ କୁହନ୍ତି

“ ଗାଁ ମୁଖିଆ ସେକ୍ ମଡିଆ, ଲାଲା ଶାହା, କୁଦରତ ଶାହାଙ୍କ କହିବା ଅନୁଯାୟୀ ଗାଁରେ ବସନ୍ତ, ମିଳିମିଳା, ଝାଡାବାନ୍ତି ଆଦି ବ୍ୟାପିଲେ ରାତିରେ ବାବା ଘୋଡା ପିଠିରେ ବସି ଗାଁ ପରିକ୍ରମା କରନ୍ତି। ତାଙ୍କ ଘୋଡା ଟାପୁ ଶବ୍ଦ ଲୋକେ ଶୁଣିଛନ୍ତି। ବାବା ଗାଁରେ ବୁଲିଲେ ଗ୍ରାମବାସୀ ରୋଗମୁକ୍ତ ହୋଇଯାନ୍ତି।

“ ଅବସରପ୍ରାପ୍ତ ଶିକ୍ଷକ ଜଗନ୍ନାଥ ପାଣିଗ୍ରାହୀ କୁହନ୍ତି, ବାବା କେବଳ ମୁସଲମାନଙ୍କର ନୁହନ୍ତି। ସେ ହିନ୍ଦୁଙ୍କର ମଧ୍ୟ। ସମସ୍ତେ ମିଶି ପ୍ରତି ଗୁରୁବାର କଲ୍ୟାଣ ଲଭିବା ପାଇଁ ଏଠାରେ ପୂଜାର୍ଚ୍ଚନା କରିଥାନ୍ତି। ଏହି ପୀଠ ଇତିହାସର କିମ୍ବଦନ୍ତୀ ବହନ କରିଥିବାରୁ ସମସ୍ତେ ବିଶ୍ୱାସର ସହ ଏଠାକୁ ଆସିଥାନ୍ତି।

“ ଉର୍ସ କମିଟି କର୍ମକର୍ତ୍ତା ଜୁମନ ଖାଁ, ମନସୁର ଶାହା, ସେକରିଆଜ କହନ୍ତି ପ୍ରତିବର୍ଷ ଏହି ପୀଠରେ ଉର୍ସ ପର୍ବ ପାଳନ ହୁଏ। ଓଡିଶା, କଲିକତା, ବିହାରରୁ ଆସି ଶ୍ରଦ୍ଧାଳୁମାନେ ପୂଜାର୍ଚ୍ଚନା କରିଥାନ୍ତି। ପୀର ବାବାଙ୍କ ଗୋସଲ, କୁର୍ବାନଖାନ, ଚାଦର ଚଢା ସହ ବିରାଟ କବାଲିର ଆୟୋଜନ ହୁଏ।

ଏହି ଭକ୍ତି, ନୈବେଦ୍ୟର ପୀଠ ଏବେ ଭାଇଚାରା, ଏକତାର ବାର୍ତ୍ତା ବହନ କରିବା ସହ ସଭିଙ୍କୁ ବିଶ୍ୱାସ ଡୋରିରେ ବାନ୍ଧି ରଖିଥିବାରୁ ସ୍ଥାନୀୟ ଲୋକେ ଏହାର ସାମଗ୍ରିକ ବିକାଶ ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

## ସଂକ୍ଷେପରେ

### ପୋଖରୀ ହୁଡ଼ାରେ ସ୍କୁଟି, ଜୋତା, ଠେଙ୍ଗା, ଲୁଗା



**ସଜନାଗଡ଼, ୧୨।୩ (ଡି.ଏନ.ଏ.):** ବାଲେଶ୍ୱର ଜିଲା ନୀଳଗିରି ଥାନା ଈଶ୍ୱରପୁର ପଞ୍ଚାୟତର ବାଙ୍କିପଦାଠାରେ ଥିବା ପଞ୍ଚଲିଙ୍ଗେଶ୍ୱର କଲେଜ ନିକଟସ୍ଥ ଏକ ପୋଖରୀ ହୁଡ଼ାରେ ସ୍କୁଟି, ଜୋତା, ଠେଙ୍ଗା ଓ ଲୁଗା ପଡ଼ିଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରି ଗାଡ଼ି ସହ ସମସ୍ତ ଜିନିଷକୁ ନେଇ ଈଶ୍ୱରପୁର ଫାଣ୍ଡିରେ ରଖିଛି। ଉକ୍ତ ସ୍ଥାନରୁ କାହାକୁ ଅପହରଣ କରି ନିଆଯାଇଥାଏ ପାରେ ପୋଲିସ ସନ୍ଦେହ କରୁଛି। ପ୍ରକୃତ ଘଟଣା ଖୁବ୍‌ଶୀଘ୍ର ପଦାକୁ ଆସିବ ବୋଲି ପୋଲିସ ସୂଚନା ଦେଇଛି।

### ୨ ଦିନରେ ୨ ଆତ୍ମହତ୍ୟା

**ବସ୍ତା, ୧୨।୩(ଡି.ଏନ.ଏ.):** ସିଂଲା ଥାନା ଅଞ୍ଚଳରେ ଦୁଇଦିନରେ ୨ଜଣ ଫାଶୀ ଦେଇ ଆତ୍ମହତ୍ୟା କରିଛନ୍ତି। ଏହି ଥାନା ଅଧୀନ ନାଇକୁଡି ପଞ୍ଚାୟତ ଆଗତମାଳା ଗ୍ରାମରେ ବୁଧବାର ଶରତ ଦତ୍ତ ଘରେ ଫାଶୀ ଲଗାଇ ଆତ୍ମହତ୍ୟା କରିଥିଲେ। ସିଂଲା ପୋଲିସ ପହଞ୍ଚି ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଆତ୍ମହତ୍ୟାର କାରଣ ଜଣା ପଡି ନ ଥିବା ପୋଲିସ ପକ୍ଷରୁ କୁହାଯାଇଛି। ସେହିପରି ଗୁରୁବାର ମଧ୍ୟାହ୍ନରେ ଇଡଦା ପଞ୍ଚାୟତର ଗମ୍ଭାଲୁଣ୍ଡି ଗ୍ରାମର ଜଣେ ବ୍ୟକ୍ତି ତାଙ୍କ ଶଶୁର ଘରେ ଆତ୍ମହତ୍ୟା କରିଛନ୍ତି। ବସ୍ତା ଥାନା କଦଳୀହଣ୍ଡା ଗ୍ରାମର କୃଷ୍ଣ ବେହେରା (୪୮) ତାଙ୍କ ଶଶୁର ଘର ଗମ୍ଭାଲୁଣ୍ଡି ଯାଇଥିଲେ। ମଧ୍ୟାହ୍ନରେ ସେ ତାଙ୍କ ଶଶୁର ଘର ବାଡିରେ ଥିବା ଏକ ଗଛରେ ଫାଶୀ ଦେଇ ଆତ୍ମହତ୍ୟା କରିଥିଲେ। ସିଂଲା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଆତ୍ମହତ୍ୟାର ପ୍ରକୃତ କାରଣ ଜଣାପଡିନାହିଁ।

### ଗୋବିନ୍ଦ ବାଲିଆପାଳ ବ୍ଲକ ବିଜେଡି ସଭାପତି



**ବାଲିଆପାଳ, ୧୨।୩(ସ୍ୱ.ପ୍ର.):** ବାଲିଆପାଳ ବ୍ଲକର ବିଜେଡି ସଭାପତି ନିର୍ବାଚନକୁ ନେଇ ଦୀର୍ଘଦିନ ଧରି ଲାଗି ରହିଥିବା କଳ୍ପନାଜଳ୍ପନାର ଅନ୍ତ ଘଟିଛି। ନୂତନ ବ୍ଲକ ବିଜେଡି ସଭାପତି ଭାବେ ପୂର୍ବତନ ଶିକ୍ଷକ ତଥା ସୁସଙ୍ଗଠକ ଗୋବିନ୍ଦ ଦାସଙ୍କୁ ଜିଲା ସଭାପତି ଇଂ. ରବୀନ୍ଦ୍ର କୁମାର ଜେନା ମନୋନୀତ କରିଛନ୍ତି। ଦାସ ଜଣେ ସରଳ ତଥା ଆଧ୍ୟାତ୍ମିକ ବ୍ୟକ୍ତି ଭାବେ ଜଣାଶୁଣା। ସେ ବାଲିଆପାଳ ବ୍ଲକରେ ଦୀର୍ଘଦିନ ଧରି ବିଭିନ୍ନ ବିଦ୍ୟାଳୟରେ କାର୍ଯ୍ୟ କରି ଲୋକପ୍ରିୟ ହୋଇପାରିଛନ୍ତି। ତାଙ୍କୁ ବ୍ଲକ ସଭାପତି ଭାବେ ଜିଲା ସଭାପତି ମନୋନୀତ କରିଥିବାରୁ ଯୁବନେତା ସଞ୍ଜୀବ ପାଢ଼ୀ, ହାଡିବନ୍ଧୁ ରାଉତ, ମୃତ୍ୟୁଞ୍ଜୟ ଗୋଛାୟତ, ସରୋଜ ଦାସ, ମିଡିଆ ସଂଯୋଜକ ଗୋପନାରାୟଣ ଜେନା, ମଧୁପୁରା ସରପଞ୍ଚ ଦୋଳଗୋବିନ୍ଦ ମୁର୍ମୁ ପ୍ରମୁଖ ଦାସଙ୍କୁ ଅଭିନନ୍ଦନ ଜଣାଇବା ସହିତ ଜିଲା ସଭାପତି ଜେନା ଏବଂ ବିଧାୟକ ନିତ୍ୟାନନ୍ଦ ଜେନାଙ୍କୁ କୃତଜ୍ଞତା ଜଣାଇଛନ୍ତି। ନୂତନ ସଭାପତି ଦାସ ଦଳକୁ ତୃଣମୂଳ ସ୍ତରରେ ସୁଦୃଢ଼ ପାଇଁ କାର୍ଯ୍ୟ କରିବେ ବୋଲି ପ୍ରକାଶ କରିଛନ୍ତି।

### ପଞ୍ଚୁଦୋଳରେ ରକ୍ତଦାନ

**ଖଇରା୧୨।୩(ଡି.ଏନ.ଏ.):** ସମାଜସାଥୀ ସଂଗଠନ ଆନୁକୂଲ୍ୟରେ ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ମିତୁଆଣି ଠାରେ ପଞ୍ଚୁଦୋଳ ପାଳନ ଅବସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ସଭାପତି ସୁକାନ୍ତ କୁମାର ସାହୁ ଏହାକୁ ଉଦ୍‌ଘାଟନ କରିଥିଲେ। ଡା ମୁକେଶ କୁମାର ବିଶ୍ୱାଳ, ବ୍ଲଡ ବ୍ୟାଙ୍କ କର୍ମଚାରୀ ବିଜୟ କୁମାର ପଟ୍ଟନାୟକ, ସଏଦ ଦିଲଦାର ପ୍ରମୁଖ ରକ୍ତ ପରୀକ୍ଷା ରେ ସହଯୋଗ କରିଥିଲେ। ମୋଟ ୮୨ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା।



କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କୁ ଭେଟିବା ଅବସରରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ।

### ୟେସ୍ ବ୍ୟାଙ୍କରେ ଜଗନ୍ନାଥଙ୍କ ଟଙ୍କା ସୁରକ୍ଷା ପ୍ରସଙ୍ଗ

## କେନ୍ଦ୍ର ଅର୍ଥମନ୍ତ୍ରୀଙ୍କୁ ଭେଟିଲେ କେନ୍ଦ୍ରମନ୍ତ୍ରୀ ପ୍ରତାପ

**ସଜନାଗଡ଼, ୧୨।୩(ଡି.ଏନ.ଏ.):** ୟେସ୍ ବ୍ୟାଙ୍କରେ ଜଗନ୍ନାଥଙ୍କ ୫୪୫ କୋଟି ଟଙ୍କାର ସୁରକ୍ଷା ଓ ଦୋଷୀଙ୍କୁ ଦଣ୍ଡ ଦେବା ପାଇଁ କେନ୍ଦ୍ର ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ମତ୍ସ୍ୟ ପ୍ରାଣୀବିକାଶ ଏବଂ ଗୋପାଳନ ରାଷ୍ଟ୍ରମନ୍ତ୍ରୀ ତଥା ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଉଦ୍ୟମ ଆରମ୍ଭ କରିଛନ୍ତି। ସେ ଗୁରୁବାର ନୂଆଦିଲ୍ଲୀଠାରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କୁ ଭେଟି ଏ ପ୍ରସଙ୍ଗରେ ନିରପେକ୍ଷ ତଦନ୍ତ ଲାଗି ଆଲୋଚନା କରିଥିବା କହିଛନ୍ତି।

## ‘ମହିଳାଙ୍କ ସମ୍ମାନ ଅକ୍ଷୁଣ୍ଣ ରହୁ’

**ରୂପସା, ୧୨।୩(ଡି.ଏନ.ଏ.):** ବାଲେଶ୍ୱର ଜିଲା ଅନ୍ତର୍ଗତ ବସ୍ତା ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ‘ମହିଳାଙ୍କ ସମ୍ମାନ ଅକ୍ଷୁଣ୍ଣ ରହୁ’ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମଣ୍ଡଳ ସଭାପତି ମିଲିରାଣୀ ବେହେରା ଅଧ୍ୟକ୍ଷତା କରି ମହିଳା ସଶକ୍ତୀକରଣ, ଉପରେ ଆଲୋକପାତ କରିବା ସହ ସମାଜରେ ପୀଡିତା, ନିର୍ଯାତିତା ମହିଳାଙ୍କୁ ଉଚିତ ନ୍ୟାୟ ପ୍ରଦାନ କରାଯାଉ ବୋଲି ଦାବି କରିଥିଲେ। ଆଲୋଚନାଚକ୍ରରେ ବିଷ୍ଣୁପ୍ରିୟା ବେହେରା, ବୀଣାପାଣି ଦାସ ଅଧିକାରୀ, ଝରଣା ସାମଲ, ଆରତୀ ବେହେରା, ସବିତା ନାୟକ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାଙ୍କ ସମେତ ଦୁଧହଂସା ପଞ୍ଚାୟତର ମହିଳାମାନେ ଉପସ୍ଥିତ ଥିଲେ।



ଜିଲାସ୍ତରୀୟ ଓଡିଶା ଦିବସ ସମାରୋହ ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅଧିକାରୀ।

## ଜିଲାସ୍ତରୀୟ ଓଡ଼ିଶା ଦିବସ ପାଳନ ଲାଗି ପ୍ରସ୍ତୁତି

ବାଲେଶ୍ୱର ଅଫିସ,୧୨।୩

ବାଲେଶ୍ୱର ଜିଲାପାଳଙ୍କ ସମ୍ମିଳନୀ କକ୍ଷ ସଦ୍‌ଭାବନା ସଭାଗୃହରେ ୮୫ତମ ଜିଲାସ୍ତରୀୟ ଓଡ଼ିଶା ଦିବସ ସମାରୋହ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା।

ପ୍ରସ୍ତାବିତ ପ୍ରସ୍ତାବ ଅନୁଯାୟୀ ଆସନ୍ତା ଏପ୍ରିଲ ୧ ତାରିଖ ଓଡ଼ିଶା ଦିବସରେ ଭୋର ସାଢେ ୪ଟାରେ ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ବନ୍ଦେ ଉତ୍କଳ ଜନନୀ, ଭାଷା ବନ୍ଦନା ସଙ୍ଗୀତ ସମେତ ଅନ୍ୟାନ୍ୟ ଦେଶାତ୍ମବୋଧ ସଙ୍ଗୀତ ପରିବେଷଣ କରାଯିବ। ପୂର୍ବାହ୍ନ ୭ଟାରେ ସ୍କୁଲ ଛାତ୍ରୀଛାତ୍ର ତଥା ଅନ୍ୟମାନଙ୍କୁ ନେଇ ଏକ ଶୋଭାଯାତ୍ରା ଅନୁଷ୍ଠିତ ହେବ। ସାଢେ ୮ଟାରେ ସହରରେ ଥିବା ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟଅତିଥି ଏବଂ ଅନ୍ୟାନ୍ୟ ଅତିଥିମାନଙ୍କ ଦ୍ୱାରା ସାମୂହିକ ମାଲ୍ୟାର୍ପଣ କରାଯିବ। ସକାଳ ସାଢେ ୯ଟାରେ ସ୍ଥାନୀୟ ମୁଖ୍ୟ ଚିକିତ୍ସାଳୟଠାରେ ଜିଲା ରେଡକ୍ରସ ସଂସ୍ଥା, ନେହେରୁ ଯୁବକେନ୍ଦ୍ର, ବିଭିନ୍ନ ମହାବିଦ୍ୟାଳୟର ଏନଏସଏସ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ପୂର୍ବାହ୍ନ ୯ଟା ୪୫ରେ ଜିଲା ମୁଖ୍ୟ ଚିକିତ୍ସାଳୟର ରୋଗୀମାନଙ୍କୁ ମୁଖ୍ୟଅତିଥିଙ୍କ ଦ୍ୱାରା ଫଳ ବଣ୍ଟନ କରାଯିବ। ପରେ ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନଠାରେ ସାଧାରଣ ସଭା, ବିଭିନ୍ନ ପ୍ରତିଯୋଗିତାରେ ସଫଳତା ଲାଭ କରିଥିବା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ ଓ ସନ୍ଧ୍ୟା ସମୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବୈଠକରେ ବିଭିନ୍ନ କାର୍ଯ୍ୟାଳୟ ଏବଂ ବ୍ୟବସାୟିକ ପ୍ରତିଷ୍ଠାନରେ ଓଡ଼ିଆ ଭାଷାରେ ନାମଫଳକ ଲେଖିବା ନିମନ୍ତେ ସବୁ ସ୍ତରରେ ଉଦ୍ୟମ କରିବାକୁ ସହମତି ପ୍ରକାଶ ପାଇଥିଲା। ବୈଠକରେ ଉପଜିଲାପାଳ ନିଲୁ ମହାପାତ୍ର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଗୋବିନ୍ଦ ସେଠୀ ପ୍ରମୁଖ ମଞ୍ଚାସୀନ ଥିଲେ। ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦୀପକ କୁମାର ସାହୁ ବିବରଣୀ ପାଠ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ନୃତ୍ୟ ଓ ନାଟକର ମଜା ନେଲେ ଦର୍ଶକ

ଖଇରା,୧୨।୩(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ସାରକୋଣା ପଞ୍ଚାୟତ ଅଧୀନ କେନ୍ଦୁଭଦଳୀ ଗ୍ରାମରେ ସାର୍ବଜନୀନ ଦୋଳ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ନାରାୟଣ ପ୍ରସାଦ ପେଡାଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ମୁଖ୍ୟ ଅତିଥି, ପ୍ରଦୀପ କୁମାର ସାହୁ, ଯୁବ ବିଜେଡି ନେତା ସୁଶାନ୍ତ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ପରେ ଭୁବନେଶ୍ୱରରୁ ଆସିଥିବା ମିରାକିଲ ଚାରିଏଟେବଲ ଟ୍ରଷ୍ଟ ତରଫରୁ ମଧୁପର୍ବ ନୃତ୍ୟ ପରିବେଷଣ କରାଯାଇଥିଲା। ପ୍ରଧାନଶିକ୍ଷକ ବସନ୍ତ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ସ୍ଥାନୀୟ କଳାକାରଙ୍କ ପକ୍ଷରୁ ନୃତ୍ୟ ଓ ନାଟକ ମଞ୍ଚସ୍ଥ ହୋଇଥିଲା। ଉପସ୍ଥିତ ଲୋକେ ଏହି କାର୍ଯ୍ୟରୁ ବେଶ୍ ମଜା ଉଠାଇଥିଲେ।



ଉଜ୍ଜ୍ୱଳ ଆଲୋକ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଗଣ।

## ବେଳାଭୂମି, ମନ୍ଦିରରେ ଲାଗିଲା ଉଜ୍ଜ୍ୱଳ ଆଲୋକ

ବାଲେଶ୍ୱର ଅଫିସ,୧୨।୩

ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀର କଷାଫଳ ପଞ୍ଚାୟତ ଅନ୍ତର୍ଗତ ସାରଙ୍ଗଦେବ ବେଳାଭୂମି ଓ ବଡ଼ାମ ଦେବୀଙ୍କ ପ୍ରାଙ୍ଗଣରେ ସଦର ବିଧାୟକ ମଦନ ମୋହନ ଦତ୍ତଙ୍କ ଉନ୍ନୟନ ପାଣ୍ଠିରୁ ଦୁଇ ଗୋଟି ଉଜ୍ଜ୍ୱଳ ଆଲୋକ ଉଦ୍‌ଘାଟନ ହୋଇଛି। ୨୯ନଂ. ଜୋନ୍‌ର ପ୍ରଭାରୀ ତଥା ଜିଲା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ଲୋକନାଥ ଭୂୟାଁ ଏହି ଉଜ୍ଜ୍ୱଳ ଆଲୋକ ଉଦ୍‌ଘାଟନ କରିବା ସହିତ ଆଗାମୀ ଦିନରେ ବିଧାୟକଙ୍କ ସାହାଯ୍ୟ ସହଯୋଗରେ ରାସ୍ତାଘାଟ, ଉଚ୍ଚଶକ୍ତିସମ୍ପନ୍ନ ବିଦ୍ୟୁତ ଟ୍ରାନ୍ସଫର୍ମର, ସ୍ୱଚ୍ଛ ପାନୀୟ ଜଳ ଓ ବେଳାଭୂମିର ଉନ୍ନତି ସହିତ ନୂତନ କରି ପ୍ରତିଷ୍ଠା ହୋଇଥିବା ସାରଙ୍ଗ ଦେବ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ କିଭଳି ଅଧିକ ଉନ୍ନତି ହୋଇପାରିବ ତାହା ବକ୍ତବ୍ୟ ରଖିଥିଲେ। ଉଦ୍‌ଘାଟନୀ ଉତ୍ସବରେ ପଞ୍ଚାୟତ ସଭାପତି ମୁକୁନ୍ଦ ଆଦକ, ମନ୍ମଥ ବେହେରା, ଶିବାନନ୍ଦ ପାତ୍ର, ସୀତାରାମ ମଣ୍ଡଳ, ମାର୍କଣ୍ଡ କର, ଶମ୍ଭୁନାଥ ଶାବଳ, କୌଶିକ ଚାନ୍ଦ, ଧୀରଜ ମହାନ୍ତି, ଅମଲ ମଣ୍ଡଳ, ପ୍ରିୟରଞ୍ଜନ ପୃଷ୍ଟି, ପ୍ରଭାତ ବେହେରା, ବୁଦ୍ଧିରାମ ବେହେରା, ରାମ ବେହେରା, ନିତ୍ୟାନନ୍ଦ ବେହେରା, ନିରଞ୍ଜନ ସାସମଲ, ଗୌରାଙ୍ଗ ଦଳେଇ, ଭରତ ଦଳେଇ, ହରେକୃଷ୍ଣ ଖଣ୍ଡା, ସୁମିତ୍ରା ଦେହୁରୀ, ପବନ କମିଲା, ରାକେଶ ପାଢ଼ୀ, ରଞ୍ଜନ ମଣ୍ଡଳ, ବେଣୁଧର ମଲ୍ଲିକ, ପ୍ରଭାସ ପାତ୍ର, ଜୟାନନ୍ଦ ପାତ୍ର, ଉଦ୍ଧବ ମାନ୍ନା, ବିଶ୍ୱନାଥ ମାଲ ଓ ଅନୁଷ୍ଠାନର ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।



ଅଭଣା ରାଜ୍ ମେଳଣ ଅବସରରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ।

## ପ୍ରସିଦ୍ଧ ଅଭଣା ରାଜ୍ ମେଳଣ

ବାହାନଗା,୧୨।୩(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା ବ୍ଲକର ପ୍ରସିଦ୍ଧ ଅଭଣା ରାଜ୍ ମେଳଣ ଗତ ମଙ୍ଗଳବାର ଠାରୁ ଆରମ୍ଭ ହୋଇଛି। ଯୋଡି ଶଙ୍ଖ, ପଞ୍ଜାବୀ ବାଜା ସମେତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଜରିଆରେ ଠାକୁରମାନେ ଶୋଭାଯାତ୍ରାରେ ଆଣିଥିଲେ। ଏଥର ୩ ଦିନ ଧରି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ମେଳନ କମିଟିର ସଭାପତି ରମେଶ ଚନ୍ଦ୍ର ମହାପାତ୍ର କହିଛନ୍ତି। ସେହିପରି ହୋଲି ପରଦିନ ଛୋଟ ପିଲାଙ୍କୁ ନେଇ ଶିଶୁ ଉତ୍ସବ କରାଯାଉଛି। ସମ୍ପାଦକ ଧିରେନ୍ଦ୍ର କୁମାର ପତି, ଗ୍ରାମର ପ୍ରତାପ କୁମାର ମାଝୀ ପ୍ରମୁଖ ମେଳନକୁ ଅଧିକ ଲୋକାଭିମୁଖୀ କରିବା ନିମନ୍ତେ ଉଦ୍ୟମ ଜାରି ରହିଛି ବୋଲି କହିଛନ୍ତି। ଏହି ମେଳଣ ପଛରେ ପ୍ରାୟ ୨୨୦ ବର୍ଷର ପରମ୍ପରା ଲୁଚି ରହିଛି। ଏବେ ପ୍ରତ୍ୟହ ମେଳାନର ଶ୍ରଦ୍ଧାଳୁଙ୍କ ଭିଡ ଜମଥିବା ଦେଖିବାକୁ ମିଳୁଛି।

## ଓଳିଏ ଖାଇଲେ ଓଳିଏ ଉପାସ

ସନାତନ ମହାନ୍ତି
ନୀଳଗିରି, ୧୨।୩

ସର୍ବହରା ଲୋକଙ୍କ ପାଇଁ ସରକାର ବିଭିନ୍ନ ଯୋଜନା କରିଥିଲେ ହେଁ ତାହା ଠିକ୍ ଭାବେ କାର୍ଯ୍ୟକାରୀ ହେଉ ନ ଥିବା ଜଣାପଡିଛି। ନୀଳଗିରି ଏନଏସିର କେ.ସି. ହାଇସ୍କୁଲ ପଡ଼ିଆ ସଂଲଗ୍ନ ଖୋଲା ପେଣ୍ଡାଲରେ ଜୀବନ ବିତାଉଥିବା ବୃଦ୍ଧ ଦମ୍ପତି ଏହାର ଉଦାହରଣ। ଉଭୟେ ଗୁରୁଣ୍ଡି ଗୁରୁଣ୍ଡି ଭିକ୍ଷାବୃତ୍ତି କରି ଯାହା ମିଳୁଛି ସେଥିରେ ଓଳିଏ ଖାଇଲେ ଅନ୍ୟ ବେଳାକୁ ନିଅଣ୍ଟ। ଭୋକ ଉପାସରେ ସେମାନଙ୍କ ଜୀବନ ବିତୁଛି। ଏମାନଙ୍କୁ ନା ମିଳିଛି ବାର୍ଦ୍ଧକ୍ୟ ଭତ୍ତା, ନା ମିଳିଛି ରାଶନକାର୍ଡ଼। ମୁଣ୍ଡ ଗୁଞ୍ଜିବାକୁ ଘରଟିଏ ମଧ୍ୟ ନାହିଁ। ଏହି ଦମ୍ପତି ହେଲେ ସୁବାସ ଜେନା (୭୫) ଓ ତାଙ୍କ ସ୍ତ୍ରୀ ମମତା।

ବାଲେଶ୍ୱର ନୂଆବଜାରରେ ସୁବାସଙ୍କ ଜନ୍ମ। ଛୋଟ ବେଳୁ ସେ ମା’ଙ୍କୁ ହରାଇଥିଲେ। ୧୨ବର୍ଷ ବୟସ ହେବା ବେଳକୁ ସେ ବାପଛେଉଣ୍ଡ ହୋଇଗଲେ। ନାବାଳକ ଅବସ୍ଥାରେ ଖନ୍ତାପଡ଼ା ବଜାରରେ ଜଣଙ୍କ ଘରେ ରହି କାମ କରି ପେଟ ପୋଷୁଥିଲେ। ପରେ ରେମୁଣା ବ୍ଲକ ଅଧୀନ ବରୁଣସିଂ ପଞ୍ଚାୟତ ରାଜସ୍ୱ ଗାଁରେ ଥିବା ଏକ ଗୋଚର ଜମିରେ କଚାଘର ତିଆରି କରି ସେ ରହିଆସୁଥିଲେ। ପ୍ରଥମ ପତ୍ନୀ ଦୁଇ ଝିଅଙ୍କୁ ଜନ୍ମ ଦେଇ ମୃତ୍ୟୁବରଣ କରିବା ପରେ ମମତାଙ୍କୁ ସୁବାସ ଦ୍ୱିତୀୟ ବିବାହ କରିଥିଲେ। ଦୁଇ ଝିଅଙ୍କୁ ମଧ୍ୟ ବିବାହ କରିଦେଇଥିଲେ। ବରୁଣସିଂ ପଞ୍ଚାୟତରେ ଥିବାବେଳେ ତାଙ୍କୁ ରାଶନ କାର୍ଡ଼ ମିଳିଥିଲା। ସେହି କାର୍ଡ଼ରେ ସେ ୫ କିଲୋ ଚାଉଳ ପାଉଥିଲେ। ପରଘରେ ସେ କାମ କରି ଚଳି ଯାଉଥିଲେ। କିଛିଦିନ ଚାଉଳ ପାଇବା ପରେ ରାଶନ କାର୍ଡ଼ରେ ଆଉ ଚାଉଳ ମିଳି ନ ଥିଲା। ସରକାରୀ ଯୋଜନାରେ ସହାୟତା ପାଇବା ପାଇଁ ସେ ସ୍ଥାନୀୟ ସରପଞ୍ଚଙ୍କଠାରୁ ଆରମ୍ଭ କରି ପ୍ରଶାସନଙ୍କ ନିକଟରେ ଗୁହାରି କରି ମଧ୍ୟ କିଛି ସୁଫଳ ପାଇ ନ ଥିଲେ। ଗତ ୩ବର୍ଷ ତଳେ ସୁବାସ ବାଲେଶ୍ୱର ସହରକୁ ରାବଣ ପୋଡ଼ି ଦେଖିବାକୁ ଯାଇଥିଲେ। ଦୁର୍ଘଟଣାରେ ବାମ ଗୋଡ଼ ଭାଙ୍ଗିଯିବାରୁ ଆଉ କାମ ଧନ୍ଦା କରି ପାରି ନ ଥିଲେ। ଗୋଚର ଜମିରେ ଘର କରିଥିବାରୁ ବରୁଣସିଂ ଗାଁ ଲୋକ ସେଠାରେ ରହିବାକୁ ଦେଇ ନ ଥିଲେ। ବାସହରା ହୋଇ ସୁବାସ ବାଲେଶ୍ୱର ରେଲୱେ ଷ୍ଟେଶନରେ ଯାଇ ଆଶ୍ରୟ ନେଇ ଭିକ୍ଷାବୃତ୍ତି କରି ପେଟ ପୋଷୁଥିଲେ। ସେଠାରେ ୨ରୁ ୩ବର୍ଷ ରହିବା ପରେ ଜିଆରପି ପୋଲିସ ରହିବାକୁ ନ ଦେବାରୁ ନୀଳଗିରି ରୋଡ଼ ରେଲୱେ ଷ୍ଟେଶନରେ ଆସି ଆଶ୍ରୟ ନେଇଥିଲେ। ୬ମାସ ପରେ ପୁନଃ ରେଲୱେ କର୍ମଚାରୀ ଅନୁରୂପ ଭାବେ କରିବାରୁ ଶେରଗଡ଼ ବଜାର ଦୋକାନୀଙ୍କ ଗୁମୁଟି ତଳେ ସେ ଭୋକ ଉପାସରେ ରାତି ବିତାଉଥିଲେ। ୬ମାସ ହେବ ନୀଳଗିରି ସହରରେ ରହି ଆସୁଛନ୍ତି। ଚାଲି ପାରୁ ନ ଥିବାରୁ ଗୁରୁଣ୍ଡି ଗୁରୁଣ୍ଡି ଯାଇ ଭିକ୍ଷାବୃତ୍ତି କରୁଛନ୍ତି। ଖରା, ବର୍ଷା, ଶୀତ କାକରରେ ସେ ପଡି ରହିଛନ୍ତି। କିଛି ଦିନ ହେବ ସ୍ତ୍ରୀ ମମତା ରୋଗରେ ପୀଡ଼ିତ ଥିଲେ ମଧ୍ୟ ଚିକିତ୍ସା କରାଯାଇପାରୁନାହିଁ। ଏ ସମ୍ପର୍କରେ ଏନ୍‌ଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ରତନ କୁମାର ପଟ୍ଟନାୟକଙ୍କୁ ପଚାରିବାରେ ଆମ ଅଫିସ ତରଫରୁ ସେମିତି ବ୍ୟବସ୍ଥା ନାହିଁ। ହେଲେ ବୃଦ୍ଧାଶ୍ରମରେ ରହିବା ନିମନ୍ତେ ପ୍ରୟାସ କରିବୁ ବୋଲି କହିଥିଲେ। ଉପଜିଲାପାଳ ହରିଚନ୍ଦ୍ର ଜେନାଙ୍କୁ ପଚାରିବାରେ ତଦନ୍ତ କରି ପଦକ୍ଷେପ ନେବେ ବୋଲି କହିଛନ୍ତି।



ଖୋଲା ଆକାଶ ତଳେ ବୃଦ୍ଧ ଦମ୍ପତି।

ଧରିତ୍ରୀ
DHARITRI
ବାଲେଶ୍ୱର, ଶୁକ୍ରବାର, ୧୩ ମାର୍ଚ୍ଚ, ୨୦୨୦



**ସଂକ୍ଷେପରେ**

## ମଦ ସହ ପିକଅପ୍ ଜବତ, ୩ ଗିରଫ

**ଭଦ୍ରକ ଅଫିସ,୧୨।୩**-ଭଦ୍ରକ ପୁରୁଣାବଜାର ଥାନା ପୋଲିସ ମିର୍ଜାପୁର ନିକଟ ବେହେରାସାହିଠାରୁ ୨ ହଜାର ଲିଟରରୁ ଊର୍ଦ୍ଧ୍ୱ ମଦ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଜବତ କରିଛି। ଏଥିସହ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ, ପୁରୁଣା ବାଲେଶ୍ୱର ଅଞ୍ଚଳରୁ ଚୋରାରେ ମଦ ଭଦ୍ରକକୁ ଅଣାଯାଉଥିବା ପୁରୁଣାବଜାର ପୋଲିସ ଖବର ପାଇଥିଲା। ପୋଲିସ ପିକ୍‌ଅପ୍ ଭ୍ୟାନ୍‌କୁ ପିଛା କରି ମିର୍ଜାପୁର ବେହେରାସାହିଠାରେ ଅଟକାଇ ଜବତ କରି ଥାନାକୁ ନେଇଥିଲା। ଗିରଫ ବ୍ୟକ୍ତିମାନେ ମାଳିଅରୁଆ ଗାଁର ମହେଶ୍ୱର ରାଉତ, ତପନ ଜେନା ଓ ନଚ୍ଛିପୁର ଗାଁର ଗୋପବନ୍ଧୁ ବେହେରା। ଏ ନେଇ ଥାନାରେ ଏକ ମାମଲା(ନଂ.୫୫/୨୦) ରୁଜୁ ହୋଇଛି।

## ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ

**ଭଣ୍ଡାରିପୋଖରୀ,୧୨।୩(ଡି.ଏନ.ଏ.)**-ଭଣ୍ଡାରିପୋଖରୀ ବ୍ଲକ ପଦିନାରାୟଣପୁରସ୍ଥିତ ପ୍ରାଣକୃଷ୍ଣ ଧଳ ପାଠାଗାର ଆନୁକୂଲ୍ୟରେ ବୁଧବାର ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳିତ ହୋଇଯାଇଛି। ଶିକ୍ଷାବିତ୍ ପୁରୁଷୋତ୍ତମ ଧଳ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ସାହୁ, ଘନଶ୍ୟାମ ସ୍ୱାଇଁ, ଡ. ନିରଞ୍ଜନ ଓଝା, ଜଗନ୍ନାଥ ନାୟକ, ଗୌରହରି ସାହୁ, ଅକ୍ଷୟ କୁମାର ମହାନ୍ତି, ଅନାଦି ଚରଣ ସ୍ୱାଇଁ, ଅକ୍ଷୟ ସାହୁ, ମଧୁସୂଦନ ଜେନା, ସୁରେନ୍ଦ୍ର ଦତ୍ତ, ଭରତ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଓଡ଼ିଆ ଭାଷାର ଜନକ ଫକୀରମୋହନ ସେନାପତି ଓ କବିବର ରାଧାନାଥ ରାୟ, ଭକ୍ତକବି ମଧୁସୂଦନ ରାଓ ପ୍ରମୁଖଙ୍କ ସାରସ୍ୱତ ସୃଷ୍ଟି ଓ ଏହାର ପ୍ରାଚୀନତା ସମ୍ପର୍କରେ ଅତିଥିମାନେ ଆଲୋଚନା କରିଥିଲେ। ଶେଷରେ ହିମାଂଶୁ ରାଉତ ଧନ୍ୟବାଦ ଦେଇଥିଲେ।

## କୁମ୍ଭମେଳା ମହୋତ୍ସବ

**ତିହିଡ଼ି,୧୨।୩(ଡି.ଏନ.ଏ.)**-ତିହିଡ଼ି ବ୍ଲକ ବାରୋ ଚାରିମାହାଲ ଯାଦବ ସମିତି ପକ୍ଷରୁ ଐତିହାସିକ କୁମ୍ଭମେଳା ମେଳା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବରେ ବାରୋ, କେରଡିହ, ନୟାପାଟଣା, ଖରିଦାପାଟଣା ଓ ଗୋପନଗରର ୫ଶହ ଯାଦବ ସାମିଲ ହୋଇଥିଲେ। ସେମାନେ ଶୋଭାଯାତ୍ରାରେ ଆସି ଚନ୍ଦ୍ରିକା ଗୋପବନ୍ଧୁ କୁମ୍ଭମେଳା ପଡ଼ିଆରେ ସମ୍ମିଳିତ ହେବା ପରେ ନାଳିଆ ନଈରେ କୁମ୍ଭ ବୁଡ଼ାଇଥିଲେ। ପୂର୍ବରୁ ନଈଘାଟରେ ସନ୍ଧ୍ୟା ଆଳତି ସହ ପୂଜାପାଠ କରାଯାଇଥିଲା। ଆୟୋଜିତ ସଭାରେ ସମିତି ସଭାପତି ଭାଗୀରଥି ଦାସ ପୌରୋହିତ୍ୟ କରିଥିଲେ। ଧାମନଗର ବିଧାୟକ ବିଷ୍ଣୁ ସେଠୀ, ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ, କାଁପଡ଼ା ସମିତିସଭ୍ୟ ଉଦ୍ଧବ ଚରଣ ନାୟକ, ସରପଞ୍ଚ ମାନସୀ ମଲିକ ଓ ଲକ୍ଷ୍ମୀଧର ପାଣ୍ଡବ ଅତିଥି ଭାବେ ଯୋଗ ଦେଇଥିଲେ। ବିଧାୟକ ସେଠୀ କୁମ୍ଭମେଳାର ଉନ୍ନତିକରଣ ପାଇଁ ୫ଲକ୍ଷ ଟଙ୍କା ବିଧାୟକ ପାଣ୍ଠିରୁ ମଞ୍ଜୁର କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅଣ୍ଡରାଇ ସେବା ସମବାୟ ସମିତି ସଭାପତି କଳ୍ପତରୁ ପରିଡ଼ା ସଭା ସଞ୍ଚାଳନ କରିଥିଲେ। ଉପସଭାପତି ରବୀନ୍ଦ୍ର ଦାସ, ସମ୍ପାଦକ ରବୀନ୍ଦ୍ର ନାୟକ, ସହସମ୍ପାଦକ ବିଷ୍ଣୁମୋହନ ପଲେଇ, କୋଷାଧ୍ୟକ୍ଷ ବନବୀର ପରିଡ଼ା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଆୟୁଷ ଡାକ୍ତରଙ୍କ ହାତରେ ସ୍ୱାସ୍ଥ୍ୟସେବା

**ଭଦ୍ରକ ଅଫିସ, ୧୨।୩**

- ଜିଲାରେ ୧୩୯ ଡାକ୍ତର ପଦବୀ ଖାଲି
- ନିଯୁକ୍ତ ହେବେ ୨୯

ଭଦ୍ରକ ଜିଲାର ବିଭିନ୍ନ ଡାକ୍ତରଖାନାରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଜିଲା ଚିକିତ୍ସାଳୟକୁ ମିଶାଇ ଜିଲାରେ ପ୍ରାୟ ୬୩ଟି ଡାକ୍ତରଖାନା ରହିଛି। ଯାହା ଉପରେ ଲକ୍ଷାଧିକ ଲୋକ ସ୍ୱାସ୍ଥ୍ୟସେବା ଲାଗି ନିର୍ଭରଶୀଳ। ହେଲେ ସବୁଠି ଡାକ୍ତର ଅଭାବ କାରଣରୁ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସମସ୍ୟା ସୃଷ୍ଟି ହେଉଛି। କେଉଁଠି ଫାର୍ମାସିଷ୍ଟ ରୋଗୀ ଦେଖୁଛନ୍ତି ତ ଆଉ କେଉଁଠି ସୁଇପରଙ୍କ ହାତରେ ସ୍ୱାସ୍ଥ୍ୟସେବା। ସେହିପରି ଅଧିକାଂଶ ଡାକ୍ତରଖାନାରେ ଆୟୁଷ ଡାକ୍ତର ହିଁ ଭରସା। ଏଭଳି ସ୍ଥିତିରେ ରୋଗୀମାନେ ଉପଯୁକ୍ତ ସେବା ପାଇପାରୁ ନାହାନ୍ତି। ଏହାକୁ ନେଇ ବିଭିନ୍ନ ସମୟରେ ଅସନ୍ତୋଷ ପ୍ରକାଶ ପାଉଛି।

ପ୍ରକାଶ ଯେ, ଜିଲାରେ ୧୩୯ ଡାକ୍ତର ପଦବୀ ଖାଲି ପଡ଼ିଛି। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏବେ ୨୯ଜଣ ନୂଆ ଡାକ୍ତର ଏହି ଜିଲାରେ ନିଯୁକ୍ତି ଲାଗି ନିର୍ଦ୍ଦେଶ ଦିଆଯାଇଛି। କିନ୍ତୁ ଅଦ୍ୟାବଧି କେହି ଜଣେ ମଧ୍ୟ ଡାକ୍ତର ନିଯୁକ୍ତ ହୋଇନାହାନ୍ତି। ଜିଲାରେ ମୋଟ ୫୮ ଆୟୁଷ ଡାକ୍ତରଙ୍କ ଜରିଆରେ ଲୋକଙ୍କୁ ସେବା ଯୋଗାଇ ଦିଆଯାଉଛି। ସରକାରୀ ଭାବେ ଡାକ୍ତର ପଦବୀ ସଂଖ୍ୟା ୨୧୫ ହୋଇଥିବାବେଳେ ଅଛନ୍ତି ମାତ୍ର ୭୬ଜଣ। ସେହିଭଳି ଜିଲା ମୁଖ୍ୟ ଚିକିତ୍ସାଳୟରେ ୭୬ ଡାକ୍ତରଙ୍କ ସ୍ଥାନରେ ମାତ୍ର ୨୮ ଜଣ ଅଛନ୍ତି। ୪୮ ଡାକ୍ତର ପଦବୀ ଖାଲିପଡ଼ିଛି। ଜିଲା ମୁଖ୍ୟ ଚିକିତ୍ସାଳୟକୁ ଦୈନିକ ଆଉଟଡୋର ଓ ଇନ୍‌ଡୋରରେ ପ୍ରାୟ ୨ହଜାରରୁ ଊର୍ଦ୍ଧ୍ୱ ରୋଗୀ ଆସୁଥିବାବେଳେ ସେମାନଙ୍କୁ ସେବା ଯୋଗାଇ ଦେବାକୁ ଆବଶ୍ୟକ ଡାକ୍ତର ଏବଂ ଷ୍ଟାଫ୍ ନାହାନ୍ତି। ସକାଳେ ଡ୍ୟୁଟିରେ ଥିବା ଡାକ୍ତର ଦୈନିକ କ୍ଷମତାଠାରୁ ଅଧିକ ରୋଗୀ ଦେଖୁଥିବାରୁ ଉପରବେଳା ଅଧିକାଂଶ ଡାକ୍ତର କାର୍ଯ୍ୟକୁ ଆସୁ ନ ଥିବା ଜଣାପଡ଼ିଛି। ଅପରପକ୍ଷେ ଜିଲାରେ ଅତ୍ୟାଧୁନିକ ୩ଶହ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା କରାଯିବାକୁ ଘୋଷଣା କରାଯାଇଥିବାବେଳେ ଡାକ୍ତର ନିଯୁକ୍ତି ପ୍ରତି ଆଖି ବୁଜି ଦେଇଥିବା ଅଭିଯୋଗ ହେଉଛି। ଏପରିକି ଜିଲା ହସ୍ପିଟାଲରେ ବହୁ ୱାର୍ଡ ଖୋଲାଯାଇ ପାରୁ ନ ଥିବାବେଳେ ଆଉ କେତେକ ୱାର୍ଡ ସପ୍ତାହରେ ଦିନେ କିମ୍ବା ଦୁଇଦିନ ଲାଗି କାର୍ଯ୍ୟକ୍ଷମ କରାଯାଉଛି। କେବଳ ସେତିକି ନୁହେଁ ଡାକ୍ତରଖାନା ଆଉଟଡୋର ଓ ଇନ୍‌ଡୋରରେ ବର୍ଦ୍ଧିତ ରୋଗୀଙ୍କୁ ଆବଶ୍ୟକ ଶଯ୍ୟା ଯୋଗାଇ ଦେବାକୁ ଜାଗା ନ ଥିବାରୁ ଜିଲା ମୁଖ୍ୟ ଚିକିତ୍ସାଳୟର ପ୍ରସୂତି ୱାର୍ଡଠାରୁ ଆରମ୍ଭ କରି ମେଡିସିନ ଏବଂ ସର୍ଜରୀ ୱାର୍ଡ ବାରଣ୍ଡାରେ ଗଡ଼ୁଛନ୍ତି ଶହ ଶହ ରୋଗୀ। ଏ ସମ୍ପର୍କରେ ଜିଲା ଅତିରିକ୍ତ ଚିକିତ୍ସାଧିକାରୀ ପ୍ରଦୀପ ଖୁଣ୍ଟିଆଙ୍କୁ ପଚାରିବାରୁ କହିଛନ୍ତି ଯେ, ଏ ନେଇ ଅନେକ ଥର ରାଜ୍ୟ ସ୍ୱାସ୍ଥ୍ୟ ବିଭାଗକୁ ଲିଖିତ ଭାବେ ଜଣାଯାଇଛି। ଏବେ ୨୯ ଜଣ ନୂଆ ଡାକ୍ତର ନିଯୁକ୍ତ ହେବେ ବୋଲି ନିର୍ଦ୍ଦେଶ ରହିଛି। ଚଳିତ ମାସ ଭିତରେ ସେମାନେ ଜଏନ୍ କରିପାରନ୍ତି। ଏହାପରେ କେତେକାଂଶରେ ସମସ୍ୟାରେ ସୁଧାର ଆସିବ ବୋଲି ସେ କହିଛନ୍ତି।

## ସିଏଏ, ଏନ୍‌ଆର୍‌ସିକୁ ବିରୋଧ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

**ଭଦ୍ରକ ଅଫିସ, ୧୨।୩**

ଭଦ୍ରକ ସଂସ୍କୃତି ଭବନଠାରେ ଜିଲାସ୍ତରୀୟ ସାମ୍ପ୍ରଦାୟିକତାବାଦ ଓ ଫାଶିବାଦ ବିରୋଧୀ ଗଣକନ୍‌ଭେନ୍‌ସନ ଅନୁଷ୍ଠିତ ହୋଇଯାଇଛି। ସିଏଏ, ଏନ୍‌ଆର୍‌ସି ଓ ଏନ୍‌ପିଆର୍ ବିରୋଧରେ ଏହି ଗଣକନ୍‌ଭେନ୍‌ସନ ହୋଇଥିଲା। ଜିଲାର ବିଭିନ୍ନ ସ୍ଥାନରୁ ବହୁସଂଖ୍ୟାରେ ଜନସାଧାରଣ, ବୁଦ୍ଧିଜୀବୀ, ମହିଳା, ଛାତ୍ର ଓ ଯୁବକ ଏଥିରେ ଯୋଗ ଦେଇଥିଲେ। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ବ୍ରଜମୋହନ ମିଶ୍ର ଓ ଏମ୍‌ଏ ନବୀ, ମୁଖ୍ୟବକ୍ତା ଓଡ଼ିଶା ସାମ୍ପ୍ରଦାୟିକତାବାଦ ଓ ଫାଶିବାଦ ବିରୋଧୀ କମିଟି ଯୁଗ୍ମ ଆବାହକ ଅକ୍ଷୟ ଦାସ ଯୋଗ ଦେଇଥିଲେ। ଆଇନଜୀବୀ ନରେନ୍ଦ୍ର ବିଶ୍ୱାଳ, କବି କୀର୍ତ୍ତନ ବିହାରୀ ମଲ୍ଲିକ ଓ ରାମଚନ୍ଦ୍ର ଶଙ୍ଖୁଆଙ୍କୁ ନେଇ ଏକ ସଭାପତି ମଣ୍ଡଳୀ ପରିଚାଳନା କରିଥିଲେ। ଡ. ରମେଶ ଚନ୍ଦ୍ର ନାୟକ ପ୍ରାରମ୍ଭିକ ସୂଚନା ଦେବା ପରେ ରାମଚନ୍ଦ୍ର ଶଙ୍ଖୁଆ କନ୍‌ଭେନ୍‌ସନର ପ୍ରସ୍ତାବ ପାଠ କରିଥିଲେ। ସିଏଏ, ଏନ୍‌ପିଆର୍ ଓ ଏନ୍‌ଆର୍‌ସି ବିରୋଧରେ ଜିଲାବ୍ୟାପୀ ବୈଠକ, ସଭା, ସମିତି, କନ୍‌ଭେନ୍‌ସନ ଜରିଆରେ ସଚେତନତା ସୃଷ୍ଟିକରି ପ୍ରତିବାଦ ଆନ୍ଦୋଳନ ସଙ୍ଗଠିତ କରିବାକୁ ନିଷ୍ପତ୍ତି ହୋଇଥିଲା।

# ରେଲୱେ ଜିଏମ୍‌ଙ୍କୁ ଭେଟିଲେ ଏମ୍‌ପି

### କେନ୍ଦୁଆପଦା ରେଳ ଷ୍ଟେଶନ ଉନ୍ନତୀକରଣ ଦାବି



ପୂର୍ବତଟ ରେଳପଥର ଜେନେରାଲ ମ୍ୟାନେଜର ରାଜୀବ ବିଶ୍ନୋଇ ଓ ଅନ୍ୟ ଅଧିକାରୀଙ୍କ ସହ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଆଲୋଚନା କରୁଛନ୍ତି।

**ବନ୍ତ,୧୨।୩(ଡି.ଏନ.ଏ.)**

ଭଦ୍ରକ ଜିଲା ବନ୍ତ ବ୍ଲକ କେନ୍ଦୁଆପଦା ରେଳ ଷ୍ଟେଶନର ଉନ୍ନତୀକରଣ ନେଇ ଏମ୍‌ପି ମଞ୍ଜୁଲତା ମଣ୍ଡଳ ବୁଧବାର ପୂର୍ବତଟ ରେଳପଥର ଜେନେରାଲ ମ୍ୟାନେଜର(ଜିଏମ୍) ରାଜୀବ ବିଶ୍ନୋଇ ଓ ଅନ୍ୟ ଅଧିକାରୀଙ୍କୁ ଭୁବନେଶ୍ୱରସ୍ଥିତ ରେଳ ସଦନଠାରେ ଭେଟି ଆଲୋଚନା କରିଛନ୍ତି। ଏମ୍‌ପିଙ୍କ ସହିତ ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଉପସ୍ଥିତ ଥିଲେ। କେନ୍ଦୁଆପଦାଠାରେ ରୋଡ୍ ଓଭରବ୍ରିଜ୍ ନିର୍ମାଣ ପାଇଁ ରେଲୱେ ବୋର୍ଡକୁ ପ୍ରସ୍ତାବ ଯାଇଥିବା ଏବଂ ରେଳ ପ୍ଲାଟ୍‌ଫର୍ମକୁ ଅଧିକ ଉଚ୍ଚ କରାଇବା ନେଇ ୨୦୧୮-୧୯ରେ ପ୍ରକଳ୍ପ ମଞ୍ଜୁର ହୋଇ ଏହାର କାର୍ଯ୍ୟ ଚାଲୁଥିବା ଜଣାଯାଇଛି। ଏଥିସହ ଭଦ୍ରକ, ବାଉଦପୁର, ମଞ୍ଜୁରୀରୋଡ ଆଦି ରେଳ ଷ୍ଟେଶନର ଉନ୍ନତିକରଣ ସମ୍ପର୍କରେ ଆଲୋଚନା ହୋଇଥିଲା।

## ମୋ ସ୍କୁଲ ଅଭିଯାନକୁ ପୁରସ୍କାର ରାଶି ପ୍ରଦାନ

**ବନ୍ତ,୧୨।୩(ଡି.ଏନ.ଏ.)**

ବନ୍ତ ବ୍ଲକ ନିଳୋକ ହାଇସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକ ମୁଖ୍ୟମନ୍ତ୍ରୀଙ୍କ ସହାୟତା ପାଣ୍ଠିରୁ ପୁରସ୍କାର ରୂପେ ପାଇଥିବା ଅର୍ଥରାଶିକୁ ମୋ ସ୍କୁଲ ଅଭିଯାନକୁ ପ୍ରଦାନ କରିଥିବା ଜଣାଯାଇଛି। ପ୍ରକାଶ ଯେ, ୨୦୧୯ ମାଟ୍ରିକ ପରୀକ୍ଷା ଫଳାଫଳରେ ଏହି ହାଇସ୍କୁଲ ବ୍ଲକରେ ୨ୟ ସ୍ଥାନ ହାସଲ କରି ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠିରୁ ୧ଲକ୍ଷ ଟଙ୍କା ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିଲା। ଉକ୍ତ ଅର୍ଥରାଶିକୁ ମୋ ସ୍କୁଲ ଅଭିଯାନ ପାଣ୍ଠିକୁ ପ୍ରଦାନ କରାଯିବା ନେଇ ପ୍ରଧାନଶିକ୍ଷକ ଶୋଭେନ୍ଦ୍ର କୁମାର ମାଝି ପ୍ରସ୍ତାବ ଦେଇଥିଲେ। ଏହି ପ୍ରସ୍ତାବକୁ ମୋ ସ୍କୁଲ ଅଭିଯାନର ସମ୍ପାଦକ ହରିନାରାୟଣ ମହାନ୍ତି, ଶିକ୍ଷକ ସୁଧାକର ପଣ୍ଡା, ସନାତନ ନାୟକ, ଶିକ୍ଷୟିତ୍ରୀ ସୁରଜିତା ବାଇ, ସ୍ୱୟଂପ୍ରଭା ନାୟକ, ଚିତ୍ରାବତୀ ବେହେରା ଓ କର୍ମଚାରୀ ବିଜୟ କୁମାର ଦାସ ସମର୍ଥନ କରିଥିଲେ। ଆଗାମୀ ଦିନରେ ରାଜ୍ୟ ସରକାରଙ୍କ ପକ୍ଷରୁ ମୋ ସ୍କୁଲ ଅଭିଯାନକୁ ୨ ଗୁଣା ଅର୍ଥ ପ୍ରଦାନ କରାଗଲେ ତାହା ବିଦ୍ୟାଳୟ ଉନ୍ନୟନ ଦିଗରେ ବ୍ୟୟ କରାଯିବ ବୋଲି ବୈଠକରେ ଆଲୋଚନା ହୋଇଥିଲା।

## ସାମର୍ଥ୍ୟ ଶିବିରରେ ୩୪୧ ଭିନ୍ନକ୍ଷମ



ଶିବିରକୁ ଉଦ୍‌ଘାଟନ କରୁଛନ୍ତି ବିଡିଓ ପ୍ରଣବ ବେହେରା।

**ପଦ୍ମପୁର,୧୨।୩(ଡି.ଏନ.ଏ.)**

ବାସୁଦେବପୁର ବ୍ଲକ ବିରସ ସରକାରୀ ପ୍ରାଥମିକ ବିଦ୍ୟାଳୟଠାରେ ଗୁରୁବାର ଭିନ୍ନକ୍ଷମ ଭୀମ ଭୋଇ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ପ୍ରଣବ କୁମାର ବେହେରା ଏହାକୁ ଉଦ୍‌ଘାଟନ କରିଥିଲେ। ସାମାଜିକ ସୁରକ୍ଷା ଅଧିକାରୀ ସୁବାସ ଚନ୍ଦ୍ର ନାୟକ, ବିଧାୟକଙ୍କ ପ୍ରତିନିଧି ଅସିତ କୁମାର ଦାସ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ହରେନ୍ଦ୍ର କୁମାର ଦେହୁରୀ ଓ ପଞ୍ଚାୟତ ଅଧିକାରୀ ଅଶୋକ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଶିବିରରେ ୧୩ପଞ୍ଚାୟତର ୧ ବର୍ଷରୁ ଊର୍ଦ୍ଧ୍ୱ ସମସ୍ତ ଭିନ୍ନକ୍ଷମଙ୍କୁ ଚିହ୍ନଟ କରିବା ସହ ପ୍ରମାଣପତ୍ର ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଥିଲା। ଶ୍ରବଣବାଧିତ ୮୨, ଚଳନ ଅକ୍ଷମ ୧୩୨, ଦୃଷ୍ଟିଶକ୍ତି ବାଧିତ ୪୮, ମାନସିକ ଅନଗ୍ରସର ୭୯ ମୋଟ ୩୪୧ ଭିନ୍ନକ୍ଷମ ଅନ୍‌ଲାଇନ ପଞ୍ଜୀକୃତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୨୨୯ ଜଣଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଜଗତ କଲ୍ୟାଣ ଭିନ୍ନକ୍ଷମ ମଞ୍ଚ ପାରାପୋଖରୀ ସାମାଜିକ ଅନୁଷ୍ଠାନ ପକ୍ଷରୁ କାର୍ଯ୍ୟକ୍ରମରେ ସହଯୋଗ କରାଯାଇଥିଲା। ବିରସ ସରପଞ୍ଚ ଦୟାନିଧି ଦାସ, ସମିତିସଭ୍ୟ ସତ୍ୟରଞ୍ଜନ କୁଅଁର, ଜଗତ କଲ୍ୟାଣ ଭିନ୍ନକ୍ଷମ ମଞ୍ଚର ସମ୍ପାଦକ ମଞ୍ଜୁ ମଲ୍ଲିକ, ବିଜୟ ନାୟକ, ନିରଞ୍ଜନ ଦାସ, ସୂର୍ଯ୍ୟକାନ୍ତ ମହାନ୍ତି, ରମେଶ ଚନ୍ଦ୍ର ବଳ, ତପନ ଭୂୟାଁ, ଅରୂପାନନ୍ଦ ମିଶ୍ର, କମଳାକାନ୍ତ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

# କ୍ରିକେଟ ଟୁର୍ନାମେଣ୍ଟ: ଏସ୍‌ଏମ୍‌ସିସି ନପଙ୍ଗ ଚାମ୍ପିୟନ

**ଭଣ୍ଡାରିପୋଖରୀ,୧୨।୩(ଡି.ଏନ.ଏ.)**

ଭଣ୍ଡାରିପୋଖରୀ ବ୍ଲକ ଷୋଳମପୁର ପଞ୍ଚାୟତ ବରାହନୂଆପଡ଼ା ପଡ଼ିଆରେ ମା' ବୁଢ଼ୀ ଜାଗୁଳାଇ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏମ୍‌ଏସ୍‌ୱାଇସି ଦୋବଲକୁ ହରାଇ ଏସ୍‌ଏମ୍‌ସିସି ନପଙ୍ଗ ଚାମ୍ପିୟନ ହୋଇଛି। ଏମ୍‌ଏସ୍‌ୱାଇସି ଟସ୍ ଜିତି ୧୨ ଓଭରରେ ୫୭ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା। ଏସ୍‌ଏମ୍‌ସିସି ୧୨ ଓଭରରେ ୫ ଉଇକେଟ ହରାଇ ୫୮ ରନ୍ କରି ବିଜୟୀ ହୋଇଥିଲା। ଅମ୍ପାୟର ଅବିନାଶ ନାୟକ ଓ ସୌମ୍ୟଜିତ ନାୟକ ମ୍ୟାଚ୍ ପରିଚାଳନା କରିଥିଲେ। ସ୍କୋରର ଥିଲେ ସ୍ୱସ୍ତିସୁନ୍ଦର ପୁହାଣ ଓ ଗିରୀଶ ଭୋଇ। ବିଶ୍ୱଜିତ୍ ନାୟକ ଧାରା ବିବରଣୀ ପ୍ରଦାନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବେ ଯୁବନେତା ଦେବେନ୍ଦ୍ର ଦାଶ, ହେମନ୍ତ ଜେନା, ଲକ୍ଷ୍ମୀଧର ସାହୁ, ବୈତରଣୀ ପାଣିପଞ୍ଚାୟତ ସଭାପତି ଉଦୟ ନାୟକ, ସମ୍ପାଦକ ପ୍ରଫୁଲ୍ଲ ନାୟକ, ବିଜୟ ରାଉତ, ବିଦ୍ୟାଧର ଜେନା ପ୍ରମୁଖ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ୍ ଦଳକୁ ଟ୍ରଫି, ନଗଦଅର୍ଥ ପ୍ରଦାନ ସହ ମ୍ୟାନ ଅଫ୍ ଦି ମ୍ୟାଚ୍, ମ୍ୟାନ ଅଫ୍ ଦି ସିରିଜ୍, ବେଷ୍ଟ ବ୍ୟାଟ୍‌ସମ୍ୟାନ, ବୋଲରଙ୍କୁ ପୁରସ୍କୃତ କରିଥିଲେ।



ଚାମ୍ପିୟନ ଟିମ୍‌କୁ ପୁରସ୍କୃତ କରାଯାଉଛି।

# ମଣ୍ଡପରେ ବିଜେ ୪୨ ବିମାନ

**ପଦ୍ମପୁର,୧୨।୩(ଡି.ଏନ.ଏ.)**

ବାସୁଦେବପୁର ବ୍ଲକ ରାଜଘରପୋଖରୀ ପଞ୍ଚାୟତ ଗଦଲା ମେଳଣ ଚାଲିଛି। ଗୋବିନ୍ଦପୁର, ବିଦେଇପୁର, ବିରସ, ରାଜଘରପୋଖରୀ, ଲକ୍ଷ୍ମୀଦାସପୁର, ସାନକୃଷ୍ଣପୁର, କିସ୍ମତକୃଷ୍ଣପୁର ପଞ୍ଚାୟତରୁ ବୁଧବାର ରାତିରୁ ୪୨ ବିମାନରେ ଜୀଉମାନଙ୍କୁ ଶୋଭାଯାତ୍ରାରେ ମଣ୍ଡପକୁ ଅଣାଯାଇଥିଲା। ହଜାର ହଜାର ଶ୍ରଦ୍ଧାଳୁ ବାଦ୍ୟ ନୃତ୍ୟ ଓ ଅଞ୍ଚଳର ପ୍ରସିଦ୍ଧ ଲଉଡ଼ି ନୃତ୍ୟ ପ୍ରଦର୍ଶନ କରି ଗୁରୁବାର ଭୋର ୪ଟାରେ ଦୋଳ ମଣ୍ଡପ ନିକଟରେ ବିମାନ ପହଞ୍ଚାଇଥିଲେ। କ୍ରମାନ୍ୱୟରେ ଅବିର ଲାଗି ପରେ ଜୀଉମାନେ ମଣ୍ଡପରେ ବିଜେ ହୋଇଥିଲେ। ଏହି ଅବସରରେ ୩ଦିନ ବ୍ୟାପୀ ୩୩ତମ ବିଶ୍ୱଶାନ୍ତି ମହାଯଜ୍ଞ ଆୟୋଜନ କରାଯାଇଥିଲା। ଗୁରୁବାର ସନ୍ଧ୍ୟାରେ ପୂର୍ଣ୍ଣାହୁତି ଦିଆଯାଇଥିଲା। ଦୋଳ କମିଟି ସଭାପତି ନରହରି ମାହୁନ୍ତ, ସମ୍ପାଦକ ତ୍ରିନାଥ ନାୟକ, ସମିତିସଭ୍ୟ ସତ୍ୟରଞ୍ଜନ କୁଅଁର, ସଭ୍ୟ କାଳନ୍ଦୀ ବିଶ୍ୱାଳ, ରମାକାନ୍ତ ନାୟକ, କୈଳାସ ଚନ୍ଦ୍ର ମହାରଣା ପ୍ରମୁଖ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ। ସେହିପରି ବାଲିମେଦ ସାର୍ବଜନୀନ ଦୋଳ ମଣ୍ଡପରେ ୧୧ ବିମାନରେ ଜୀଉମାନେ ବିଜେ କରିଛନ୍ତି। ବାଲିମେଦ, ଲକ୍ଷ୍ମୀଦାସପୁର, ଜଗନ୍ନାଥପ୍ରସାଦ ପଞ୍ଚାୟତର ଜୀଉମାନେ ଶୋଭାଯାତ୍ରାରେ ପୂଜାର୍ଚ୍ଚନା ସହ ବୁଧବାର ରାତିରେ ନିଜ ସ୍ଥାନରୁ ଆସି ମଣ୍ଡପରେ ପହଞ୍ଚିଥିଲେ। ପୂଜା କମିଟି ସଭାପତି ଦୁଃଶାସନ ମିଶ୍ର, ସମ୍ପାଦକ କମଳାକାନ୍ତ ଦାସ ଓ ସରପଞ୍ଚ ପ୍ରଫୁଲ୍ଲ କୁମାର ପଳିତା ସହାୟତା କରିଥିଲେ।

## ସିପିଆଇର ସାଧାରଣ କର୍ମୀ ସମ୍ମିଳନୀ

**ବନ୍ତ,୧୨।୩(ଡି.ଏନ.ଏ.)**

ବନ୍ତ ପଞ୍ଚାୟତ ସିପିଆଇ ଶାଖା କମିଟିର ସାଧାରଣ କର୍ମୀ ସମ୍ମିଳନୀ କୁମ୍ଭକରାଳଠାରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସାଥୀ ସୁବାସ ଚନ୍ଦ୍ର ବେହେରା, ରାମଚନ୍ଦ୍ର ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ଜିଲା ସଭାପତି ଶୁଭେନ୍ଦ୍ର ପ୍ରତାପ ମହାନ୍ତି, ଜୋନ୍ ସମ୍ପାଦକ ରମେଶ ଜେନା, ସହସମ୍ପାଦକ ପରମେଶ୍ୱର ବାରିକ, ବରିଷ୍ଠ କର୍ମୀ ନିରଞ୍ଜନ ନାୟକ ଓ ପୀତବାସ ସେଠୀ ଯୋଗଦେଇ ଲୋକଙ୍କ ସମସ୍ୟାକୁ ଗୁରୁତ୍ୱ ଦିଆଯିବା ସହ ସଙ୍ଗଠନକୁ ମଜ୍‌ବୁତ କରିବା ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ପାଦକ ପର୍ଶୁରାମ ସ୍ୱାଇଁ, ସୁଧାକର ଦାଶ, ପଦ୍ମନାଭ ସ୍ୱାଇଁ, ସନ୍ତୋଷ ସ୍ୱାଇଁ, କାଳନ୍ଦୀ ଦାଶ, ନୃସିଂହ ଚରଣ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

# 'ଓଡ଼ିଆ ଭାଷାକୁ ବଞ୍ଚାଇ ରଖିଛନ୍ତି ପାଲାକାର'

**ବନ୍ତ,୧୨।୩(ଡି.ଏନ.ଏ.)**

ଓଡ଼ିଆ ଭାଷାକୁ ପାଲାକାରମାନେ ବଞ୍ଚାଇ ରଖିଛନ୍ତି ବୋଲି ବନ୍ତ ବ୍ଲକ ଗଣିଜାଙ୍ଗଠାରେ ଉତ୍କଳ କେଶରୀ ମହତାବ ପାଲା ସାହିତ୍ୟ ସଂସ୍କୃତି ପରିଷଦର ୨୯ତମ ବାର୍ଷିକ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ପରିଷଦର କାର୍ଯ୍ୟକାରୀ ସଭାପତି ପୀତାମ୍ବର ପଣ୍ଡା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଭାଜପା ନେତା ବଦ୍ରିନାରାୟଣ ଧଳ, ମୁଖ୍ୟବକ୍ତା ଅଭିମନ୍ୟୁ ସେଠୀ ଓ ସମ୍ମାନିତ ଅତିଥି ଭାବେ ରାଜ୍ୟ କୃଷକ ମୋର୍ଚ୍ଚା କୋଷାଧ୍ୟକ୍ଷ ଶଙ୍କର୍ଷଣ ଜେନା, ପୂର୍ବତନ ବ୍ଲକ ଅଧ୍ୟକ୍ଷା ନିରୁପମା ରାଉତ ଯୋଗ ଦେଇଥିଲେ। ପାଲା ହେଉଛି ଓଡ଼ିଶାର ନିଜସ୍ୱ କଳା। ରାଗ, ରାଗିଣୀ କେବଳ ପାଲାଗାୟକମାନଙ୍କ ମୁଖରୁ ଶୁଣିବାକୁ ମିଳିଥାଏ ବୋଲି ବକ୍ତାମାନେ କହିଥିଲେ। ପରିଷଦର ଦିବଂଗତ ସଭ୍ୟ ତଥା ପୂର୍ବତନ କାର୍ଯ୍ୟକାରୀ ସଭାପତି ସ୍ୱର୍ଗତ ମନ୍ଦରଧର ସାହୁ, ମୁରଲୀଧର ପଣ୍ଡା, ଚୈତନ୍ୟ ପରିଡ଼ା, ରୋହିତ ମହାକୁଡ଼ ପ୍ରମୁଖଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ଜଗତ୍‌ସିଂହପୁର ଗାୟିକା ଓ ବାଲେଶ୍ୱର ପାଲାଗାୟିକା ଗୀତାଞ୍ଜଳି ନାୟକଙ୍କ ଦ୍ୱାରା ପାଲା ପରିବେଷଣ ହୋଇଥିଲା। ପରିଷଦର ସମ୍ପାଦକ ରଘୁନାଥ ଦାସ, ରତ୍ନାକର ଦାଶ, କୃଷ୍ଣଚନ୍ଦ୍ର ପରିଡ଼ା, ମଧୁସୂଦନ ସେଠୀ, ରବୀନ୍ଦ୍ର ବରାଳ, ନାରାୟଣ ଚନ୍ଦ୍ର ସେଠୀ, ମାଧବାନନ୍ଦ ବେହେରା, ସୁଶାନ୍ତ ରାଉତ, ଦୈତାରୀ ଚରଣ ପତି, ବୈକୁଣ୍ଠନାଥ ବେହେରା, ମାୟାଧର ମଲ୍ଲିକ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

## କୁମ୍ଭ ସମାବେଶରେ ସରିଲା ଦୋଳ ଉତ୍ସବ

**ବାସୁଦେବପୁର,୧୨।୩(ଡି.ଏନ.ଏ.)**

ବାସୁଦେବପୁରରେ ଦୋଳ ମହୋତ୍ସବ କୁମ୍ଭ ସମାବେଶରେ ଶେଷ ହୋଇଛି। ଏହି ଅବସରରେ ଗୋପାଳମାନେ ଗୋରୁ, ମଇଁଷିମାନଙ୍କୁ ଗାଧୋଇ ଦେଇ ପୂଜାର୍ଚ୍ଚନା କରିଥିଲେ। ଗୋପାଳ ମହିଳାମାନେ ନିକଟସ୍ଥ ପୋଖରୀ ଓ ନଦୀରେ ସମ୍ମିଳିତ ଭାବେ ରାଧାକଳସ ବୁଡ଼ାଇ ରାଧାକୃଷ୍ଣଙ୍କୁ ପୂଜାର୍ଚ୍ଚନା କରିଥିଲେ। ଏଥିସହିତ ଘରେ ଘରେ ରାଧାକୃଷ୍ଣ ବିମାନରେ ଭୋଗ ଦୀପ ନୈବେଦ୍ୟ ଅର୍ପଣ କରିଥିଲେ। ପରେ ଗୋପାଳ ବ୍ୟକ୍ତିମାନେ ମିଳିତ ଭାବେ ପରମ୍ପରା ଅନୁସାରେ କୁମ୍ଭ ଧରି ବୁଡ଼ାଇବା ପାଇଁ ନଦୀ, ଘାଟ ଓ ପୋଖରୀକୁ ରାଧାକୃଷ୍ଣଙ୍କ ବିଗ୍ରହ ଧରି ଯାତ୍ରା କରିଥିଲେ। ବାଳକମାନେ ଲଉଡ଼ି ଖେଳ ପ୍ରଦର୍ଶନ କରିବା ସହିତ ଓଗାଳ ଗାନ କରାଯାଇଥିଲା। ବାଲିନଗର ରାଧାକୃଷ୍ଣ ପଡ଼ିଆରେ ଚାଲିଥିବା ଦୋଳ ଉତ୍ସବ ମଧ୍ୟ କୁମ୍ଭ ସମାବେଶରେ ଶେଷ ହୋଇଥିଲା।

# ୩୩ ବର୍ଷରେ ହରିଦାସପଦା ମେଳଣ



ମେଳଣ ମଣ୍ଡପରେ ସୁସଜ୍ଜିତ ବିମାନରେ ଶ୍ରୀଜୀଉ।

**ବାସୁଦେବପୁର,୧୨।୩(ଡି.ଏନ.ଏ.)**

ବାସୁଦେବପୁର ପୌରପାଳିକାର ବାଷଠୀ ଗ୍ରାମସ୍ଥିତ ହରିଦାସପଦା ଦୋଳ ମେଳଣ ବୁଧବାର ରାତିରୁ ଆରମ୍ଭ ହୋଇଛି। ଚଳିତବର୍ଷ ଏହି ମେଳଣ ୩୩ ବର୍ଷରେ ପଦାର୍ପଣ କରିଛି। ୩ଦିନ ଧରି ମେଳଣ ଚାଲିବ। ୧୦ ବିମାନରେ ବିଜେ ହୋଇଥିବା ଦିଅଁ ୩ ଦିନ ଧରି ଏଠାରେ ପୂଜା ପାଇବେ। ରାଧାବଲ୍ଲଭପୁର, ଗୁଆଗାଁ, ବାଷଠୀ, ବଂଶୀପାଟଣା, ଭୈରବପୁର ଆଦି ଗ୍ରାମର ୧୦ଟି ସୁସଜ୍ଜିତ ବିମାନ ଶୋଭାଯାତ୍ରାରେ ଆସି ମଣ୍ଡପରେ ପହଞ୍ଚିଥିଲେ। ପ୍ରଥମେ ଶ୍ୟାମସୁନ୍ଦରଜୀଉଙ୍କ ବିମାନ ମଣ୍ଡପରେ ବସିବା ପରେ ଅନ୍ୟ ୯ ବିମାନ କ୍ରମାନ୍ୱୟରେ ସ୍ଥାନ ଅଳଙ୍କୃତ କରିଥିଲେ। ପ୍ରତିଦିନ ମେଳଣ ମଣ୍ଡପରେ ବସିଥିବା ଦିଅଁଙ୍କ ପାଖରେ ସକାଳେ ବାଲ୍ୟଭୋଗ, ମଧ୍ୟାହ୍ନରେ ଖିରୁଡ଼ିଭୋଗ ଓ ସନ୍ଧ୍ୟା ଆଳତି କରାଯିବ। ଦୋଳ ମେଳଣ କମିଟି ସଭାପତି ଅଶୋକ ମହାନ୍ତି, ସମ୍ପାଦକ ରାଜକିଶୋର ବେହେରାଙ୍କ ତତ୍ତ୍ୱାବଧାନରେ ଏହି ମେଳଣ ପର୍ବ ଚାଲିଛି। ଦିଅଁଙ୍କୁ ଦର୍ଶନ ପାଇଁ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି। ୩ଦିନ ଧରି ପାଲା ପରିବେଷଣ କାର୍ଯ୍ୟକ୍ରମ ରହିଛି।

## ସଂକ୍ଷେପରେ

### ଆକ୍ରମଣକାରୀଙ୍କୁ ୩ ବର୍ଷ ଜେଲଦଣ୍ଡ

ଚମ୍ପୁଆ, ୧୨।୩(ଡି.ଏନ.ଏ.)-ସାନଭାଇକୁ ମରଣାନ୍ତକ ଆକ୍ରମଣ କରିଥିବା ବଡ଼ଭାଇଙ୍କୁ ଚମ୍ପୁଆ ଅତିରିକ୍ତ ଜିଲା ଦୌରାଜଜ୍ ଦୋଳଗୋବିନ୍ଦ ବାରିକ ୩ ବର୍ଷ କାରାଦଣ୍ଡ ସହ ୨ ହଜାର ଟଙ୍କା ଜରିମାନା କରିଛନ୍ତି। ସୂଚନା ଅନୁସାରେ ଚମ୍ପୁଆ ଥାନା ଅନ୍ତର୍ଗତ ଶଙ୍କରପୁର ଧଳାଡିହି ସାହିରେ ୨୦୧୯ ଜାନୁୟାରୀ ୨୮ତାରିଖ ସନ୍ଧ୍ୟା ସମୟରେ ରାମ ମୁଣ୍ଡା ଏକ ଦାଉଲି ସାହାଯ୍ୟରେ ସାନଭାଇ ନରୋତ୍ତମ ମୁଣ୍ଡାଙ୍କୁ ଜୀବନରେ ମାରିଦେବା ଉଦ୍ଦେଶ୍ୟ ନେଇ ଆକ୍ରମଣ କରିଥିଲେ। ଆକ୍ରମଣରେ ନରୋତ୍ତମ ଲହୁଲୁହାଣ ହୋଇଥିବା ବେଳେ ତାଙ୍କ ସ୍ତ୍ରୀ ଏ ନେଇ ଚମ୍ପୁଆ ଥାନାରେ ଅଭିଯୋଗ କରିଥିଲେ। ୧୩ ଜଣ ସାକ୍ଷୀ ଓ ଡାକ୍ତରଙ୍କ ରିପୋର୍ଟକୁ ଆଧାର କରି ଅତିରିକ୍ତ ଜିଲା ଦୌରାଜଜ୍ ବାରିକ ଆକ୍ରମଣକାରୀ ରାମଙ୍କୁ ଏହି ଦଣ୍ଡାଦେଶ ଶୁଣାଇଛନ୍ତି। ଜରିମାନା ଅନାଦାୟ ହେଲେ ଆଉ ୩ ମାସ କାରାଦଣ୍ଡ ଆଦେଶ ପ୍ରଦାନ କରିଛନ୍ତି। ସରକାରଙ୍କ ପକ୍ଷରୁ ଆଇନଜୀବୀ ମଧୁସୂଦନ ପତି ଏହି ମକଦ୍ଦମା ପରିଚାଳନା କରିଥିଲେ।

### ଧାନପେଷା ମେଶିନ ସଂସ୍ପର୍ଶରେ ଆସି ମହିଳା ଗୁରୁତର

ଆନନ୍ଦପୁର,୧୨।୩ (ସ୍ୱ.ପ୍ର.)-ଆନନ୍ଦପୁର ଉପଖଣ୍ଡ ଘସିପୁରା ଥାନା ଅଧୀନ ଦରଡିପାଳ ଗ୍ରାମରେ ସତ୍ୟଭାମା ରାଉତ(୪୬) ନାମ୍ନୀ ଜଣେ ମହିଳା ଧାନପେଷା ମେଶିନ ସଂସ୍ପର୍ଶରେ ଆସି ଗୁରୁତର ଆହତ ହୋଇଛନ୍ତି। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଅଧିକ ଚିକିତ୍ସା ପାଇଁ କଟକ ସ୍ଥାନାନ୍ତର କରାଯାଇଛି। ଗୁରୁବାର ସକାଳେ ସତ୍ୟଭାମା ଗ୍ରାମରେ ଥିବା ଏକ ଧାନ ମେଶିନକୁ ଧାନ ପେଷିବା ପାଇଁ ନେଇଥିଲେ। ମେଶିନ ଡାଲାରେ ଧାନ ଢାଳିବା ସମୟରେ ଅସାବଧାନତାବଶତଃ ମହିଳାଙ୍କ ଶାଢ଼ି ମେଶିନର ବେଲ୍ଟ ସଂସ୍ପର୍ଶରେ ଆସି ଦୁର୍ଘଟଣା ଘଟିଥିଲା।

### ଗଛରେ ବାଡ଼େଇ ହେଲା ବାଇକ୍: ଆରୋହୀ ମୃତ

ଆନନ୍ଦପୁର,୧୨।୩ (ସ୍ୱ.ପ୍ର.)-ଆନନ୍ଦପୁର ଥାନା ଶାଳବଣି ଗ୍ରାମ ନିକଟରେ ଜଣେ ବାଇକ୍ ଆରୋହୀ ଭାରସାମ୍ୟ ହରାଇ ରାସ୍ତା କଡରେ ଥିବା ଏକ ଗଛରେ ବାଡେଇ ହୋଇଯିବାରୁ ଦୁର୍ଘଟଣାର ଶିକାର ହୋଇଛନ୍ତି। ସେ ହେଲେ ବେଲଦା ଗ୍ରାମର ସନ୍ତୋଷ ବେହେରା(୪୭)। ସନ୍ତୋଷ ଆନନ୍ଦପୁରରୁ ନିଜ ଘର ବେଲଦାକୁ ଫେରିବା ରାସ୍ତାରେ ଭାରସାମ୍ୟ ହରାଇ ଏକ ଗଛରେ ପିଟି ହୋଇଯାଇଥିଲେ। ସ୍ଥାନୀୟ ଲୋକଙ୍କ ଉଦ୍ୟମରେ ୧୦୮ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଚିକିତ୍ସା ପାଇଁ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସା ସମୟରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି। ଆନନ୍ଦପୁର ପୋଲିସ ଡାକ୍ତରଖାନାରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି।

### ଶୋଇଥିବା ଅବସ୍ଥାରେ ଜଗୁଆଳିଙ୍କ ମୃତ୍ୟୁ

କେନ୍ଦୁଝର, ୧୨।୩(ଡି.ଏନ୍.ଏ./ସ୍ୱ.ପ୍ର.)-କେନ୍ଦୁଝର ଟାଉନ ଥାନା ଜେଲରୋଡସ୍ଥିତ ଏକ ବିଦ୍ୟାଳୟରେ କାର୍ଯ୍ୟରତ ଜଣେ ଜଗୁଆଳୀଙ୍କ ଶୋଇଥିବା ଅବସ୍ଥାରେ ମୃତ୍ୟୁ ହୋଇଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁସାରେ, ଭାଗବତ ହେମ୍ବ୍ରମ ନାମକ ଜଣେ ଜଗୁଆଳୀ ବୁଧବାର ରାତିରେ ଖାଇପିଇ ସାରି ଶୋଇଥିଲେ। ଗୁରୁବାର ସକାଳେ ସେ ଶୋଇଥିବା କୋଠରୀର କବାଟ ଖୋଲି ନ ଥିଲେ। ଫଳରେ ଅନ୍ୟ କର୍ମଚାରୀମାନେ ତାଙ୍କୁ ଉଠାଇବାରେ ବିଫଳ ହେବାରୁ କେନ୍ଦୁଝର ଟାଉନ ପୋଲିସକୁ ଖବର ଦିଆଯାଇଥିଲା। ପୋଲିସ ଉପସ୍ଥିତିରେ ବିଦ୍ୟାଳୟର ଶ୍ରେଣୀ ଗୃହ ଖୋଲା ଯାଇଥିବାବେଳେ ତାଙ୍କର ମୃତ୍ୟୁ ହୋଇଥିବା ଦେଖିବାକୁ ମିଳିଥିଲା। ସମ୍ଭବତଃ ବୁଧବାର ରାତିରେ ଖାଇ ସାରି ଶୋଇବାବେଳେ ହୃଦଘାତ କାରଣରୁ ତାଙ୍କର ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଥିବାବେଳେ ଟାଉନ ପୋଲିସ ଏକ ମାମଲା ରୁଜୁ କରି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇ ପଠାଇବା ସହ ତଦନ୍ତ ଜାରି ରଖିଛି। ମୃତ ଜଗୁଆଳୀ ଭାଗବତଙ୍କ ଘର ସଦର ଥାନା ଅନ୍ତର୍ଗତ ବନାଯୋଡି ଅଞ୍ଚଳରେ ବୋଲି ସୂଚନା ମିଳିଛି।

# ଟୋକନ ପାଇ ବି ଧାନ ବିକି ପାରୁନି ଚାଷୀ

ପାଟଣା,୧୨।୩(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ ରାଜନଗର ସମବାୟ ସମିତିର ଚେମେଣା ଶାଖା କାର୍ଯ୍ୟାଳୟରେ ଗୁରୁବାର ଶତାଧିକ ଚାଷୀ ତାଲା ପକଇବା ସହ ସମବାୟସମିତି ସମ୍ମୁଖରେ ଧାରଣାରେ ବସିଥିଲେ। ଏଥି ସହ ୪୯ ନମ୍ବର ଜାତୀୟ ରାଜପଥକୁ ଚେମେଣା ନିକଟରେ ମଧ ଅବରୋଧ କରିଛନ୍ତି। ସୂଚନା ଯୋଗ୍ୟ ଯେ ଚଳିତ ବର୍ଷ ଖରିଫ ଋତୁରେ ଚେମେଣା ଲ୍ୟାମ୍ପରେ ୧୮୨୩ଚାଷୀ ଧାନ ବିକ୍ରି କରିବା ପାଇଁ ରେଜିଷ୍ଟ୍ରେସନ କରିଥିଲେ।

**■ସମିତି କାର୍ଯ୍ୟାଳୟରେ ପକାଇଲେ ତାଲା**

**■ଜାତୀୟ ରାଜପଥ ଅବରୋଧ**

ସେଥିମଧ୍ୟରୁ ୧୬୧୮ ଜଣ ଚାଷୀ ଧାନ ବିକ୍ରି କରିବାକୁ ଟୋକନ ପାଇଥିଲେ। ସେଥିମଧ୍ୟରୁ ମାତ୍ର ୧୦୦୦ ଜଣ ଚାଷୀ ଧାନ ବିକ୍ରି କରିଥିବା ବେଳେ ଆଉ ୬୧୮ ଚାଷୀ ନିକଟରେ ଟୋକନ ପାଇଥିଲେ ମଧ ସମବାୟ ସମିତିକୁ ମାସ୍ ଆସିନଥିବାରୁ ଧାନ ବିକ୍ରି କରି ପାରି ନାହାନ୍ତି। ଅନୁରୂପ ଭାବେ ପାଟଣା ମୁଖ୍ୟାଳୟ ସ୍ଥିତ ପାଟଣା ସମବାୟ ସମିତିରେ ମଧ ୫୫୦ ଜଣରୁ ଉର୍ଦ୍ଧ୍ୱ ଚାଷୀ ଟୋକନ ପାଇଥିଲେ ହେଁ ମାସ୍ ନଥିବାରୁ ଧାନ ବିକ୍ରି କରି ପାରିନାହାନ୍ତି। ସମଗ୍ର ପାଟଣା ବ୍ଲକର ୩୦ପ୍ରତିଶତରୁ ଉର୍ଦ୍ଧ୍ୱ ଚାଷୀ ଏଯାବତ ଧାନ ବିକ୍ରି କରି ନଥିବା ବେଳେ ସେମାନଙ୍କ ଧାନକୁ ସରକାର କ୍ରୟ କରିବେ କି ନାହିଁ ସେଥିନେଇ ଚାଷୀକୁଳ ଆଶଙ୍କାରେ ରହିଛନ୍ତି। କଷ୍ଟଲବ୍ଧ ଧାନ ବିକ୍ରି କରିପାରି ନଥିବାରୁ ଚାଷୀ ଙ୍କ ମଧ୍ୟରେ ଦିନକୁ ଦିନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଖୁବ ଶୀଘ୍ର ଚାଷୀଙ୍କ ଧାନକୁ ସରକାର ନ କିଣିଲେ ଆଗକୁ ଏହି ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି। ଏନେଇ ଜିଲା ଯୋଗାଣ ଅଧିକାରୀ ପରେଶ ଚନ୍ଦ୍ର ମହାନ୍ତିଙ୍କୁ ପଚାରିବାରୁ ଟାର୍ଗେଟ ଆସିନାହିଁ ବୋଲି ଏଭଳି ଅସୁବିଧା ହୋଇଛି। ଆମେ ଟାର୍ଗେଟ ମାଗିଛୁ। ଟୋକନର ଅବଧି ତାରିଖ ମଧ ବଢିବ। ସମସ୍ତ ଚାଷୀଙ୍କ ଧାନ କିଭଳି କିଣାଯାଇ ପାରିବ ସେ ନେଇ ବ୍ୟବସ୍ଥା କରାଯାଉଛି ବୋଲି ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।



ସମିତି କାର୍ଯ୍ୟାଳୟ ସମ୍ମୁଖରେ ତାଲା ପକାଇ ଚାଷୀମାନେ ଧାରଣାରେ ବସିଛନ୍ତି।

# କଲଭର୍ଟରେ ପିଟି ହୋଇ ଦୁଇ ବାଇକ୍ ଆରୋହୀ ମୃତ

କେନ୍ଦୁଝର/ପାଟଣା, ୧୨।୩ (ଡି.ଏନ୍.ଏ./ସ୍ୱ.ପ୍ର.)

କେନ୍ଦୁଝର ଜିଲାର ତୁରୁମୁଙ୍ଗା ଥାନା ରାଜନଗର ପଞ୍ଚାୟତ ନୂଆଗାଁ ନିକଟରେ ଏକ କଲଭର୍ଟରେ ପିଟି ହୋଇ ଦୁଇ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଥିବା ଖବର ମିଳିଛି। ମିଳିଥିବା ସୂଚନା ଅନୁସାରେ, ଗୁରୁବାର ଅପରାହ୍ନରେ ରାଜନଗର ପଟୁ ଭୃଙ୍ଗରାଜପଶି ଗ୍ରାମକୁ ଏକ ପଲସର ବାଇକ୍ ଯୋଗେ ଯାଉଥିବା ସମୟରେ ନୂଆଗାଁ ନିକଟରେ ଥିବା କଲଭର୍ଟରେ ପିଟି ହୋଇ ଦୁଇ ବାଇକ୍ ଆରୋହୀ ମୃତ୍ୟୁବରଣ କରିଛନ୍ତି। ମୃତ ଯୁବକ ଦ୍ୱୟ ଚେମଣା ପଞ୍ଚାୟତ ଭୃଙ୍ଗରାଜପଶି ଗ୍ରାମର ମନୁ ନାଏକଙ୍କ ପୁଅ ବିଦ୍ୟାଧର ନାଏକ(୩୫) ଏବଂ ମୟୂରଭଞ୍ଜ ଜିଲା ରରୁଆଁ ଥାନା ପଣ୍ଡାବିଲା ଗ୍ରାମର କୁମର ନାଏକଙ୍କ ପୁଅ ଲିଟୁନ ନାଏକ(୨୦)। ଦୁର୍ଘଟଣା ସମ୍ପର୍କରେ ଖବରପାଇ ପାଟଣା ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି କେନ୍ଦୁଝର ମୁଖ୍ୟ ଡାକ୍ତରଖାନାକୁ ଆଣିଥିବା ଜଣାପଡିଛି। ତୁରୁମୁଙ୍ଗା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଦୁର୍ଘଟଣାଗ୍ରସ୍ତ ବାଇକ୍ ଓ ମୃତଦେହ ଜବତ କରିଥିବା ଜଣାପଡିଛି। ପଣ୍ଡାବିଲାର ଲିଟୁନ ନାଏକ ନୂଆଗାଁକୁ ଏକ ବିବାହ କାର୍ଯ୍ୟରେ ଯୋଗ ଦେବାକୁ ଆସିଥିଲେ। ସେଠାରୁ ତାଙ୍କ ସାଙ୍ଗ ବିଦ୍ୟାଧରଙ୍କ ସହ ଭୃଙ୍ଗରାଜପଶିକୁ ଯାଉଥିବା ସମୟରେ ଏହି ଦୁର୍ଘଟଣା ଘଟିଛି। ଏହି ଘଟଣାଟି ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି।

# ଶୁଭାଶିଷ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ

କେନ୍ଦୁଝର, ୧୨।୩(ଡି.ଏନ୍.ଏ.)

କେନ୍ଦୁଝର ଷ୍ଟାଡିୟମଠାରେ ଫେମସ କ୍ଲବ ଆନୁକୂଲ୍ୟରେ ପଞ୍ଚମ ରାଜ୍ୟସ୍ତରୀୟ ଶୁଭାଶିଷ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲା କ୍ରୀଡାସଂସ୍ଥାର ସାଧାରଣ ସମ୍ପାଦକ ଜନାର୍ଦ୍ଦନ ଦାଶ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ସଦର ବ୍ଲକ ଉପାଧ୍ୟକ୍ଷ ବିଶ୍ୱନାଥ ବାରିକ ଓ କ୍ରାଇମ୍ ଡିଏସ୍‌ପି ସୁରେଶ ଚନ୍ଦ୍ର ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି ଟୁର୍ନାମେଣ୍ଟରେ ରାଜ୍ୟର ବିଭିନ୍ନ ଜିଲାରୁ ୮ଟି ଦଳ ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ମ୍ୟାଚ୍ ବଡବିଲ ଟାଇଗର ଓ ୟୁନିକ୍ କ୍ରିକେଟ ଏକାଡେମୀ ଭଦ୍ରକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବଡବିଲ ଟାଇଗର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୭୫ ରନ୍ କରିଥିଲା। ଏହାର ଜବାବରେ ୟୁନିକ୍ କ୍ରିକେଟ ଏକାଡେମୀ ୭ ଓଭରରେ ଗୋଟିଏ ଉଇକେଟ ହରାଇ ୭୭ ରନ୍ କରି ବିଜୟୀ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍ କେନ୍ଦୁଝର ଶଙ୍କର ସ୍ପୋର୍ଟିଂ ଏବଂ ଭଦ୍ରକ ଚରମ୍ପା କ୍ରିକେଟ ଏକାଡେମୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ୍‌ରେ ଶଙ୍କର ସ୍ପୋର୍ଟିଂ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୨୦୧ ରନ୍ କରିଥିଲା। ଏହାର ଜବାବରେ ଚରମ୍ପା କ୍ରିକେଟ ଏକାଡେମୀ ୧୮ ଓଭରରେ ସମସ୍ତ ଉଇକେଟ ହରାଇ ୧୧୫ ରନ୍ କରିବାକୁ ସକ୍ଷମ ହୋଇ ପରାଜିତ ହୋଇଥିଲା। ମ୍ୟାଚ୍‌ଗୁଡିକୁ ଅମ୍ପାୟାର ଦୂର୍ଗା ପଟ୍ଟନାୟକ ଓ ଲଲାଟ କିଶୋର ନନ୍ଦ ପରିଚାଳନା କରିଥିବାବେଳେ ସ୍କୋରବୋର୍ଡ ଦାୟିତ୍ୱରେ ପିଙ୍କୁ ସିଂ ଓ ବୁବୁ ସିହ୍ନା ଧାରା ବିବରଣୀ ପ୍ରଦାନ କରିଥିଲେ। ଫେମସ କ୍ଲବର ସଭାପତି ପ୍ରକାଶ ଅଗ୍ରୱାଲ, ସମ୍ପାଦକ ଦୀପକ ମୁଖୀ, ଦୀପକ ସେଠୀ, ଅମ୍ଳାନ ପଟ୍ଟନାୟକ, ମହେଶ ମୁଖି, ବ୍ରହ୍ମାନନ୍ଦ ରାଉତ, ତାପସ ବେହେରା, ସୁଜିତ ବାରିକ, ବାବୁ ତିୱାରୀ, ଆକାଶ ଜେନା ଓ ଅସୀତ ସାହୁ ପ୍ରମୁଖ ସହଯୋଗ କରିଥିଲେ।


ଉଦ୍‌ଘାଟନୀ ମ୍ୟାଚ୍‌ରେ ଯୋଗ ଦେଇଥିବା ଅତିଥିଙ୍କ ସହ ବିଭିନ୍ନ ଦଳର ଖେଳାଳି।

# ନିଶା ନିବାରଣ ଅଭିଯାନ

ଚମ୍ପୁଆ, ୧୨।୩(ଡି.ଏନ.ଏ.)

ଚମ୍ପୁଆ ନିକଟବର୍ତ୍ତୀ ମୟୂରଭଞ୍ଜ ଉପାନ୍ତ ଅଞ୍ଚଳ ଶଙ୍କରପୁରଠାରେ ନିଶା ନିବାରଣ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସୈନିକ ରସିକା ଚାମ୍ପିଆ ଓ ପୂର୍ବତନ ଡେପୁଟି କଲେକ୍ଟର ବନମାଳୀ ମହାନ୍ତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତଥା ମହିଳା ଦିବସ ଓ ଦୋଳ ପର୍ବକୁ ନେଇ ଅନୁଷ୍ଠିତ ଏହି ନିଶା ନିବାରଣ ଅଭିଯାନରେ ବହୁ ସଂଖ୍ୟାରେ ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ଥାନୀୟ ମହିଳା ଓ ପୁରୁଷଙ୍କ ସମେତ ବହୁ ବୁଦ୍ଧିଜୀବୀ ଯୋଗ ଦେଇଥିଲେ। ନିଶା କିପରି ମଣିଷକୁ ନଷ୍ଟ ଦିଗକୁ ନେଇ ଯାଉଛି ସେ ସମ୍ବନ୍ଧରେ ଲୋକଙ୍କୁ ସଚେତନ କରିବା ସହିତ ଗ୍ରାମ ପରିକ୍ରମା କରିଥିଲେ। ନିଶା, ରୋଗଠୁ ଦୂରେଇ ରହିବା ସ୍ଲୋଗାନ ଦେବା ସହିତ ଗାଁ ଓ ମା'ର ସମ୍ମାନ ବୃଦ୍ଧି କରିବା ଲକ୍ଷ୍ୟ ନେଇ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ସାମାଜିକ କର୍ମୀ ପ୍ରଦୀପ ମହାନ୍ତ ଓ ନିତେନ କୁମାର ମହାନ୍ତ ସଂଯୋଜନା କରିଥିବା ବେଳେ ସ୍ଥାନୀୟ ଯୁବକ ସଂଘ ଏଥିରେ ସହାୟତା କରିଥିଲେ।

# ହାତୀ ଉପଦ୍ରବରେ ଭାଙ୍ଗିଲା ଘର

## ଯୋଡ଼ା ଅଞ୍ଚଳରେ ପଶିଲେ ୧୮ ହାତୀ


ହାତୀପଲ ଭାଙ୍ଗିଥିବା ଘର।

ଯୋଡ଼ା, ୧୨।୩(ଡି.ଏନ.ଏ.)

କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ ଯୋଡ଼ା ବନପାଳ ଅନ୍ତର୍ଗତ ଜଜାଙ୍ଗଠାରେ ୧୮ ହାତୀ ଉପଦ୍ରବ ଚଳାଇଛନ୍ତି। ଏହି ହାତୀପଲ ୩ ଟି ଘର ଭାଙ୍ଗି ଦେଇଥିବା ଜଣାପଡିଛି। ବୁଧବାର ରାତିରେ ଏହି ହାତୀପଲ ଗୁରୁବେଡା ଜଙ୍ଗଲ ମଧ୍ୟରେ ଥିବା ପମ୍ପ ହାଉସ୍ ଭିତରେ ପଶିଥିଲେ । ପରେ ରାତିପ୍ରାୟ ୧୦ଟା ସମୟରେ ବାଲିବନ୍ଧ ଫରେଷ୍ଟ ଅନ୍ତର୍ଗତ କନକନା ଓ ଗୁଗୁଡୁରୀ ଅଭିମୁଖେ ଯାଇ ସେଠାରୁ ପୁଣି ବନ୍ଧୁଆବେଡା ଓ ଜଜାଙ୍ଗ ଅଭିମୁଖେ ଆସିଥିଲେ। ରାତି ପ୍ରାୟ ୧ଟା ସମୟରେ ହାତୀପଲ ଜଜାଙ୍ଗ ଅଞ୍ଚଳର ପୂର୍ଣ୍ଣ ନାଏକ, ଗିଡୁ ମାଝି ଓ ଚୁନିଆ ମାଝିଙ୍କ ଘର ଭାଙ୍ଗି ଦେଇଥିଲେ ଓ ଘରେ ରଖାଯାଇଥିବା ଧାନଚାଉଳକୁ ଖାଇ ଦେଇଥିବା ଜଣାପଡିଛି । ଖବର ପାଇ ଯୋଡା ବନପାଳ ପିଅନ ନାଏକ, ଫରେଷ୍ଟ ଗାର୍ଡ ପ୍ରଦୀପ କୁମାର ବେହେରା ଓ ଦୋଳ ଗୋବିନ୍ଦ ଦେଓ ଘଟଣାସ୍ଥଳକୁ ଯାଇ ଏହାର ଅନୁଧ୍ୟାନ କରିଥିଲେ। ଘରଭଙ୍ଗା ଯାଇଥିବା ଲୋକଙ୍କର ଲିଖିତ ଅଭିଯୋଗ ହେବା ପରେ ଆଇନ ଅନୁଯାୟୀ ବିଭାଗ ପକ୍ଷରୁ ସେମାନଙ୍କୁ କ୍ଷତିପୂରଣ ଦିଆଯିବ ବୋଲି ଯୋଡା ବନପାଳ ନାଏକ ଲୋକମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ବୈତରଣୀ ସଂରକ୍ଷିତ ଜଙ୍ଗଲରେ ୭ ଟି ହାତୀ ଓ ଚିପିଣ୍ଡା ଜଙ୍ଗଲରେ ଗୋଟିଏ ହାତୀ ବିଚରଣ କରୁଥିବା ବନବିଭାଗ ପକ୍ଷରୁ ସୂଚନା ମିଳିଛି । ଖଣି ଗୁଡିକରେ ବାରୁଦ ବିସ୍ଫୋରଣ ଏବଂ ଜଙ୍ଗଲ ମଧ୍ୟରେ ଭାରିଯାନ ଚଳାଚଳ ସହିତ ବିଭିନ୍ନ ବଡ ବଡ ପ୍ରକଳ୍ପରେ ଶବ୍ଦ ପ୍ରଦୂଷଣ ଓ ଉଚ୍ଚ ଶକ୍ତି ସମ୍ପନ୍ନ ଆଲୋକ ହେତୁ ହାତୀପଲ ଜଙ୍ଗଲରେ ନ ରହି ପ୍ରତିଦିନ ସନ୍ଧ୍ୟା ହେଲେ ଯୋଡା ତଥା ଆଖପାଖ ଗ୍ରାମଗୁଡିକରେ ପ୍ରବେଶ କରୁଛନ୍ତି।

# ଧାନକିଣାରେ ବ୍ୟାପକ ଅନିୟମିତତା

କେନ୍ଦୁଝର, ୧୨।୩ (ଡି.ଏନ.ଏ./ସ୍ୱ.ପ୍ର.)

ପଦ୍ମପୁର ଧାନକ୍ରୟ କେନ୍ଦ୍ରରେ ଚାଷୀମାନଙ୍କଠାରୁ ଧାନକିଣାରେ ଅନିୟମିତତା ଅଭିଯୋଗରେ ଧାନକ୍ରୟ କେନ୍ଦ୍ର ଅଧିକାରୀଙ୍କୁ ସଦର ପୋଲିସ ଗିରଫ କରିଛି। ପ୍ରକାଶଯୋଗ୍ୟ ଯେ, ପଳାଶପଙ୍ଗା ଏବଂ ପଦ୍ମପୁର ଧାନକ୍ରୟ କେନ୍ଦ୍ରରେ ବ୍ୟାପକ ଅନିୟମିତତା ହେଉଥିବା ନେଇ ବୁଧବାର ସଂପୃକ୍ତ ଅଞ୍ଚଳର ଚାଷୀମାନେ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ଗୁରୁବାର ଭାରପ୍ରାପ୍ତ କେନ୍ଦୁଝର ଜିଲା ଯୋଗାଣ ଅଧିକାରୀ ପରେଶ କୁମାର ମହାନ୍ତି ପଦ୍ମପୁର ଧାନକ୍ରୟ କେନ୍ଦ୍ରରେ ଚଢାଉ କରି ବିଭିନ୍ନ କାଗଜପତ୍ର ତନଖି କରିଥିଲେ। ଏହି କେନ୍ଦ୍ରରେ ଧାନକ୍ରୟରେ ବ୍ୟାପକ ଅନିୟମିତତା ହୋଇଥିବା ସେ ଜାଣିବାକୁ ପାଇଥିଲେ। ତଦନ୍ତରେ ପଦ୍ମପୁର ଧାନକ୍ରୟ କେନ୍ଦ୍ର ଅଧିକାରୀ ଅରୁଣ କୁମାର ବେହେରା ନିଜ ନାମରେ ୩ଥରରେ ୧୭୦କୁଇଣ୍ଟାଲ, ନିଜ ସ୍ତ୍ରୀଙ୍କ ନାମରେ ୩ ଥରରେ ୨୨୦ କୁଇଣ୍ଟାଲ, ଏପରିକି ତାଙ୍କର କେତେକ ପଡିଆ ଜମିକୁ ଚାଷଜମି ଦର୍ଶାଇ ୨୧୦ କୁଇଣ୍ଟାଲକୁ ମିଶାଇ ପାଖାପାଖି ୬୦୦ କୁଇଣ୍ଟାଲ ଧାନ ଧାନକ୍ରୟ କେନ୍ଦ୍ରରେ ବିକ୍ରି କରିଥିବା ଜଣାପଡିଥିଲା। କିନ୍ତୁ ଧାନ ବିକ୍ରୟ ତାଲିକାରେ ଥିବା ଚାଷୀଙ୍କୁ ଉପେକ୍ଷା କରାଯାଇଥିବା ଜଣାପଡିଥିଲା। ଜିଲା ଯୋଗାଣ ଅଧିକାରୀ ସମସ୍ତ କାଗଜପତ୍ର ଜବତ କରିଥିବାବେଳେ କାଗଜପତ୍ରରେ ମଧ୍ୟ ଅନିୟମିତତା ହୋଇଥିବା ଜାଣିଥିଲେ। ଅଭିଯୋଗକୁ ଭିତ୍ତି କରି ସଦର ପୋଲିସ ଏକ ମାମଲା ରୁଜୁ କରି ପଦ୍ମପୁର ଧାନକ୍ରୟ କେନ୍ଦ୍ର(ପିପିସି) ଦାୟିତ୍ୱରେ ଥିବା ଅରୁଣ କୁମାର ବେହେରାଙ୍କୁ ଗିରଫ କରିଛି।



ଚମ୍ପୁଆ ନିକଟବର୍ତ୍ତୀ ମୟୂରଭଞ୍ଜ ଉପାନ୍ତ ଅଞ୍ଚଳ ଶଙ୍କରପୁରଠାରେ ନିଶା ନିବାରଣ ନେଇ ସଚେତନ କରାଯାଉଛି।

# କରୋନା ପାଇଁ ନିରାଶ ହେଲେ ବ୍ୟବସାୟୀ

**ସନ୍ତୋଷ ରାଉତ**
ଆନନ୍ଦପୁର,୧୨।୩

ଆନନ୍ଦପୁର ମହୋତ୍ସବ ୨୦୨୦ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଦୀର୍ଘ ୬ ଦିନ ବ୍ୟାପୀ ଏହି ମହୋତ୍ସବ ସ୍ମୃତି ହୋଇ ରହିଯାଇଛି। ଆନନ୍ଦପୁର ବିଧାୟକ ଭାଗୀରଥି ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ଆନନ୍ଦପୁର ଉପଜିଲାପାଳ ତଥା ମହୋତ୍ସବ କମିଟିର ଅଧକ୍ଷ ରବୀନ୍ଦ୍ର କୁମାର ସାହୁଙ୍କ ଉଦ୍ୟମରେ ଚଳିତ ମହୋତ୍ସବ ବହୁ ଆଡମ୍ବରରେ ଶେଷ ହୋଇଛି। ଚଳିତ ବର୍ଷ ଆନନ୍ଦପୁର ମହୋତ୍ସବର ଗରିମା ବୃଦ୍ଧି ପାଇଥିବାବେଳେ ସାମାନ୍ୟ ପରିଚାଳନାଗତ ସମସ୍ୟା ଯୋଗୁ ସାଧାରଣରେ କିଛିଟା ଅସନ୍ତୋଷର ବାତାବରଣ ଦେଖିବାକୁ ମିଳିଥିଲା। ଚଳିତ ବର୍ଷ ମହୋତ୍ସବକୁ ଆକର୍ଷଣୀୟ କରିବା ପାଇଁ ସର୍ବଦଳୀୟ କରାଯିବାକୁ ନିଷ୍ପତ୍ତି ନିଆଯାଇଥିବାବେଳେ ଦୀର୍ଘ ୬ ଦିନ ଧରି ସଭାର ଆୟୋଜନ କରାଯାଇଥିଲା। ମନ୍ତ୍ରୀ ଅରୁଣ ସାହୁ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇଥିବାବେଳେ ଉଦ୍‌ଯାପନୀ ଦିବସରେ ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏହା ବ୍ୟତୀତ ଅନ୍ୟଦିନ ସଭାରେ କେନ୍ଦୁଝର ଜିଲାପାଳ, ଆନନ୍ଦପୁରର ପୂର୍ବତନ ଉପଜିଲାପାଳଙ୍କ ସମେତ ଶିକ୍ଷାବିତ୍ ଓ ପ୍ରଶାସକମାନେ ମଧ ଯୋଗଦେଇଥିଲେ। ଉଦ୍‌ଘାଟନୀ ଦିବସରୁ ଉଦଯାପନୀ ଦିବସ ପର୍ଯ୍ୟନ୍ତ ଆୟୋଜିତ ସଭାରେ ଅଳ୍ପ ସଂଖ୍ୟକ ଶ୍ରୋତାଙ୍କ ଉପସ୍ଥିତି ଅତିଥିମାନଙ୍କୁ ନିରାଶ କରିଥିଲା।

**ଉଦ୍‌ଯାପିତ ହେଲା ଆନନ୍ଦପୁର ମହୋତ୍ସବ**

ସାରା ପୃଥିବୀରେ ଆତଙ୍କ ସୃଷ୍ଟି କରିଥିବା କରୋନା ଭାଇରସ୍ ଭୟର ପ୍ରଭାବ ଆନନ୍ଦପୁର ମହୋତ୍ସବରେ ଦେଖିବାକୁ ମିଳିଥିଲା। ମହୋତ୍ସବରେ ଦର୍ଶକଙ୍କ ଆଶାତୀତ ଭିଡର ଅଭାବ ପରିଲକ୍ଷିତ ହୋଇଥିଲା। ତିନି ଦିନ ଭିଡ ରହିଥିଲେ ସୁଦ୍ଧା ବ୍ୟବସାୟ ମାନ୍ଦା ରହିଥିବା ପ୍ରକାଶ କରିଥିଲେ ବ୍ୟବସାୟୀ। ବିଶେଷ କରି ବିଭିନ୍ନ ଖାଦ୍ୟ ଷ୍ଟଲଗୁଡିକରେ ଭିଡ଼ କମ ରହିଥିଲା। କରୋନା ଭାଇରସ୍‌ର ଭୟାବହତା ସତ୍ତ୍ୱେ ସର୍ବସାଧାରଣରେ ଏଭଳି ଜନସମାଗମକୁ କେତେକ ବୁଦ୍ଧିଜୀବୀ ମଧ୍ୟ ନାପସନ୍ଦ କରିଥିଲେ। ଆନନ୍ଦପୁର ମହୋତ୍ସବରେ ୨୦୦ରୁ ଉର୍ଦ୍ଧ୍ୱ ଷ୍ଟଲ୍ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଏଥିରେ ବହୁ ସଂଖ୍ୟାରେ ବ୍ୟବସାୟୀ ପ୍ରତିଷ୍ଠାନ ନାମ ପଞ୍ଜୀକରଣ କରିବା ସହିତ ମହୋତ୍ସବ ପରିଚାଳନା ନିମନ୍ତେ ନିର୍ଦ୍ଧାରିତ ଅର୍ଥ ପଇଠ କରି ବ୍ୟବସାୟ କରିଥିଲେ। ଏହାବ୍ୟତୀତ ଶତାଧିକ କ୍ଷୁଦ୍ର ବ୍ୟବସାୟୀ ନିଜ ଗୁଜୁରାଣ ମେଣ୍ଟାଇବା ପାଇଁ ଉଠା ଦୋକାନୀ ଭାବେ ନିଜର ପସରା ମେଲାଇଥିଲେ। ସେଥିମଧ୍ୟରୁ ଅଧିକାଂଶ ବ୍ୟବସାୟୀଙ୍କର କାରବାର ମାନ୍ଦା ଥିବାରୁ କମିଟିକୁ ଆବଶ୍ୟକ ଅର୍ଥ ପଇଠ କରିବାରେ ଅସମର୍ଥ ହୋଇଥିଲେ। ଆଗାମୀ ଦିନରେ ଉଠା ବ୍ୟବସାୟୀମାନଙ୍କୁ ଚାପମୁକ୍ତ କରାଯିବାର ଆବଶ୍ୟକତା ରହିଛି ବୋଲି କମିଟି ସଦସ୍ୟମାନେ ଅନୁଭବ କରିଥିଲେ। ଆନନ୍ଦପୁର ମହୋତ୍ସବ କମିଟିର ସଦସ୍ୟମାନଙ୍କ ପରିଚାଳନା ଓ ସ୍ଥାନୀୟ ଅଧିବାସୀଙ୍କ ସହଯୋଗରେ ମହୋତ୍ସବ ପାଳିତ ହୋଇଥିବାବେଳେ ଆନନ୍ଦପୁର ପୋଲିସ ଦ୍ୱାରା ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ କରାଯାଇଥିଲା।

### ନାବାଳିକାଙ୍କୁ ଅପହରଣ ଅଭିଯୋଗ

ତେଲକୋଇ, ୧୨।୩ (ଡି.ଏନ.ଏ.)-ତେଲକୋଇ ଥାନା ଅନ୍ତର୍ଗତ ରାଇସୁଆଁ ପଞ୍ଚାୟତର ଜଣେ ନାବାଳିକାଙ୍କୁ କେହି ଅପହରଣ କରିଥିବା ତେଲକୋଇ ଥାନାରେ ତାଙ୍କ ବାପା ଗୁରୁବାର ଅଭିଯୋଗ କରିଛନ୍ତି। ତେବେ ପୋଲିସ ଏହି ଅଭିଯୋଗକୁ ନ ରଖିବାରୁ ସମ୍ପୃକ୍ତ ଅଭିଯୋଗକାରୀ ଜିଲା ଏସ୍‌ଡିପିଓ ପ୍ରକାଶ ଜେମ୍ସ ଟପୋଙ୍କୁ ଫୋନ ଯୋଗେ ଜଣାଇବାରୁ ସେ ତୁରନ୍ତ ତେଲକୋଇ ଥାନାକୁ ଫୋନ କରି ଅଭିଯୋଗ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏ ସମ୍ପର୍କରେ ଥାନା ଅଧିକାରୀ କୁମୁଦିନୀ ପରିଡାଙ୍କୁ ପଚାରିବାରୁ ଅଭିଯୋଗ ଗ୍ରହଣ କରାଯାଇ ଏକ ମାମଲା (ନଂ.୩୮/୨୦) ରୁଜୁ କରାଯାଇଛି। ତୁରନ୍ତ ଅପହରଣକାରୀଙ୍କୁ ଗିରଫ କରାଯିବ ବୋଲି ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

## ସଂକ୍ଷେପରେ

### ଯୁବକଙ୍କ ମୃତ୍ୟୁକୁ ନେଇ ଥାନା ଘେରାଉ

**ବାଙ୍ଗିରିପୋଷି, ୧୨।୩ (ଡି.ଏନ୍.ଏ.):** ବାଙ୍ଗିରିପୋଷି-ରୂପସା ଡିଏମୟୁ ଟ୍ରେନ ଧକ୍କାରେ ଗୁରୁବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ବାଙ୍ଗିରିପୋଷି ଥାନା ଅଧୀନ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଅଂଲାଗୁଞ୍ଜା ଗ୍ରାମର ସୁଦାମ ଚନ୍ଦ୍ର ସେଠୀ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବାରିପଦା ପଠାଇବା ସହ ତଦନ୍ତ ଜାରି ରଖିଛି। ପୋଲିସ ସୂଚନା ଅନୁଯାୟୀ, ମୃତ ସୁଦାମ ଘରେ କାହାକୁ କିଛି ନ ଜଣାଇ ସକାଳେ ପଳାଇ ଆସିଥିବା ବେଳେ ସନ୍ଧ୍ୟା ୫ଟା ୩୦ ସମୟରେ ଦଶରାପଦା ଛକ ନିକଟବର୍ତ୍ତୀ ରେଳୱେ ଧାରଣାରେ ତାଙ୍କୁ ଟ୍ରେନଟି ଧକ୍କା ଦେଇଥିଲା। ଖବରପାଇ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଚିକିତ୍ସା ପାଇଁ ବାଙ୍ଗିରିପୋଷି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଅନ୍ୟପକ୍ଷେ ସକାଳେ ମୃତ ସୁଦାମ ନିଜ ଘରେ ଗଣ୍ଡଗୋଳ କରିଥିବା ସମ୍ପର୍କରେ ତାଙ୍କ ବାପା ବାଙ୍ଗିରିପୋଷି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତେବେ ପୋଲିସ ପଦକ୍ଷେପ ଗ୍ରହଣ କରିବାରେ ବିଳମ୍ବ କରିବାରୁ ସୁଦାମଙ୍କ ଜୀବନ ଗଲା ବୋଲି ଅଭିଯୋଗ କରି ତାଙ୍କ ପରିବାର ଓ ଗ୍ରାମବାସୀ ଦୀର୍ଘ ସମୟ ଧରି ଥାନା ଘେରାଉ କରିଥିଲେ। ଖବର ଲେଖା ବେଳକୁ ଥାନା ପରିସରରେ ଉତ୍ତେଜନା ଲାଗି ରହିଥିବା ଦେଖିବାକୁ ମିଳିଥିଲା।

### ନାବାଳିକାଙ୍କୁ ଅସଦାଚରଣ, ଯୁବକ ଗିରଫ

**ଖୁଣ୍ଟା/କୁଆମରା, ୧୨।୩ (ଡି.ଏନ୍.ଏ.):** ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଞ୍ଚଳରେ ହୋଲି ଖେଳ ବାହାନାରେ ଜଣେ ଯୁବକ ଜନୈକା ନାବାଳିକାଙ୍କୁ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା(ନଂ.୩୩/୨୦୨୦) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ ଶୁଳିଆପଦା ଥାନା ଅଧୀନ ଶୁଳିଆପଦା ଗ୍ରାମର ବିକେଶ ନାଏକ। ସେ ତାଙ୍କର ଜଣେ ବନ୍ଧୁଙ୍କ ଘରେ ରହିଆସୁଥିଲା ବେଳେ ମଙ୍ଗଳବାର ହୋଲି ଖେଳ ଦିନ ସମ୍ପୃକ୍ତ ନାବାଳିକାଙ୍କୁ ଅସଦାଚରଣ କରିଥିବା ଖୁଣ୍ଟା ଥାନାରେ ଲିଖିତ ଅଭିଯୋଗ ହୋଇଥିଲା ।

### ଝୁଲନ୍ତା ମୃତଦେହ ଉଦ୍ଧାର

**ବଡ଼ସାହି,୧୨।୩(ସ୍ୱ.ପ୍ର.):** ବଡ଼ସାହି ଥାନା ଅଧୀନ ଟଙ୍ଗାଶୋଳ ଗ୍ରାମର ଜନୈକ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଗୁରୁବାର ଉଦ୍ଧାର କରିଛି । ମୃତକ ହେଲେ ସେହି ଗ୍ରାମର ବୈଦ୍ୟନାଥ ବିନ୍ଧାଣୀ। ପୋଲିସ ସୂଚନା ଅନୁଯାୟୀ, ପାରିବାରିକ କଳହକୁ ନେଇ ଘର ଭିତରେ ଥିବା ଓରାରେ ବୈଦ୍ୟନାଥ ବେକରେ ଗାମୁଛା ଲାଗି ଝୁଲୁଥିବା ଅବସ୍ଥାରେ ପଡ଼ିଶା ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ଏକ ଅପମୃତ୍ୟୁ ମାମଲା (ନଂ.୮/୨୦୨୦) ରୁଜୁ କରି ତଦନ୍ତ ଚଳାଇଛି। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ତଦନ୍ତକାରୀ ଅଫିସର ମଞ୍ଜୁଲତା ଧଡ଼ା କହିଛନ୍ତି ।

# ୨୩୦୦ରୁ ଊର୍ଦ୍ଧ୍ୱ ଗ୍ରାହକଙ୍କ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ

**ଚାଲିଛି ବକେୟା ବିଲ୍ ଆଦାୟ ପ୍ରକ୍ରିୟା**



ବିଲ୍ ପୈଠ କରି ନ ଥିବା ଉପଭୋକ୍ତାଙ୍କ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯାଉଛି ।

**ବାରିପଦା ଅଫିସ, ୧୨।୩**

ମୟୂରଭଞ୍ଜ ଜିଲା ବାରିପଦା ସର୍କଲ ଅଧୀନରେ ଥିବା ବାରିପଦା, ଉଦଳା ଓ ରାଇରଙ୍ଗପୁର ବିଦ୍ୟୁତ୍ ଡିଭିଜନରେ ଚାଲୁ ରହିଥିବା ବିଦ୍ୟୁତ୍ ଦେୟ ଆଦାୟ ଓ ସଂଯୋଗ ବିଚ୍ଛିନ୍ନ ପ୍ରକ୍ରିୟାକୁ ଆଗାମୀ ଦିନରେ ତ୍ୱରାନ୍ୱିତ କରାଯିବ ବୋଲି ନେସ୍କୋ ଅଧିକ୍ଷଣ ଯନ୍ତ୍ରୀ କ୍ଷୀରୋଦ କୁମାର ବେହେରା ପ୍ରକାଶ କରିଛନ୍ତି। ଉକ୍ତ ୩ଟି ଡିଭିଜନ୍ ଅଧୀନରେ ୫ ଲକ୍ଷ ଗ୍ରାହକ ଥିବା ବେଳେ ସେମାନଙ୍କ ମଧ୍ୟରୁ ଅଧିକାଂଶ ଗ୍ରାହକଙ୍କ ଉପରେ ୩୫୦ କୋଟି ବିଦ୍ୟୁତ୍ ବକେୟା ବିଲ୍ ପଡ଼ି ରହିଛି। ବଳକା ବିଲ୍‌ରୁ ବର୍ତ୍ତମାନ ସୁଦ୍ଧା ୧୦ ପ୍ରତିଶତ ଆଦାୟ ହୋଇଛି। ଆଗାମୀ ଦିନରେ ଗ୍ରାହକମାନଙ୍କ ବଳକା ଟଙ୍କା ଆଦାୟ ପାଇଁ ଜିଲାର ବିଭିନ୍ନ ସ୍ଥାନରେ ବିଦ୍ୟୁତ୍ ଶୁଳ୍କ ସଂଶୋଧନ କେନ୍ଦ୍ର କରାଯାଇ ଗ୍ରାହକମାନଙ୍କୁ ସେବା ପ୍ରଦାନ କରାଯାଉଛି। ଜିଲାରେ ଏହିଭଳି ୪୦ ସଂଶୋଧନ କେନ୍ଦ୍ର ଖୋଲାଯାଇଛି। ଏଠାରେ ଉପଭୋକ୍ତାମାନେ ସେମାନଙ୍କ ସମସ୍ତ ଅଭିଯୋଗ ଦାଖଲ କରିବା ସହିତ ବିଲ୍ ପୈଠ କରି ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନରୁ ବର୍ତ୍ତିବା ପାଇଁ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି। ବକେୟା ଅର୍ଥକୁ ଆଦାୟ ଦିଗରେ ବିଭାଗ ପକ୍ଷରୁ ଜିଲାରେ ବିଭିନ୍ନ ଅଞ୍ଚଳର ଗ୍ରାକମାନଙ୍କ ମଧ୍ୟରେ ବହୁ ପ୍ରଚାର ପ୍ରସାର କରାଯାଉଛି। ବର୍ତ୍ତମାନ ସୁଦ୍ଧା ୨୩୦୦ରୁ ଊର୍ଦ୍ଧ୍ୱ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯାଇଥିବା ବେଳେ ୩ କୋଟିରୁ ଊର୍ଦ୍ଧ୍ୱ ବକେୟା ବିଲ୍ ଆଦାୟ କରାଯାଇଛି। ଗ୍ରାହକମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି ନେସ୍କୋ ପକ୍ଷରୁ ନିକଟସ୍ଥ ସେକ୍ସନ ଓ ସବଡ଼ିଭିଜନରେ ବିଦ୍ୟୁତ ଶୁଳ୍କ ସଂଶୋଧନ କେନ୍ଦ୍ରଗୁଡ଼ିକ ପରିଚାଳନା କରାଯାଉଛି। ଡାକବାଜି ଯନ୍ତ୍ର, ଲିଫଲେଟ, ପୋଷ୍ଟର ମାଧ୍ୟମରେ ବିଭାଗ ଗ୍ରାହକମାନଙ୍କୁ ସଚେତନ କରାଇବା ସହ ବକେୟା ବିଦ୍ୟୁତ୍ ବିଲ୍ ପୈଠ କରିବା ପାଇଁ ଆହ୍ୱାନ ଦିଆଯାଇଛି। ଜିଲାରେ ପ୍ରାୟ ୩୫୦ କୋଟି ବିଦ୍ୟୁତ୍ ବିଲ୍ ବକେୟା ଥିବା ବେଳେ ସରକାରୀ ସଂସ୍ଥାଗୁଡ଼ିକ ଉପରେ ୩୦ କୋଟିରୁ ଅଧିକ ବିଦ୍ୟୁତ୍ ବିଲ୍ ବାକି ପଡ଼ିଛି। ଉକ୍ତ ସରକାରୀ ସଂସ୍ଥା ଗୁଡ଼ିକୁ ତୁରନ୍ତ ବିଲ୍ ପୈଠ କରିବା ପାଇଁ ବିଦ୍ୟୁତ୍ ବିଭାଗ ପକ୍ଷରୁ ନୋଟିସ ପ୍ରଦାନ କରାଯାଇଛି। ବିଭିନ୍ନ ବ୍ୟବସାୟିକ ଓ ଶିଳ୍ପ ପ୍ରତିଷ୍ଠାନ ଗୁଡ଼ିକରେ ବାକି ପଡ଼ିଥିବା ୨୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଆଦାୟ ପାଇଁ ନେସ୍କୋ ତରଫରୁ ଚଢ଼ାଉ କରାଯାଇ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯାଉଛି। ବିଲ୍ ଆଦାୟ ବେଳେ ଦେଖାଦେଉଥିବା ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ନିମନ୍ତେ ଜିଲାରେ ବିଭାଗ ୩୫ଟି ସ୍କ୍ୱାଡ ଗଠନ କରିଛି। ଜିଲାରେ ୫ ଲକ୍ଷ ଗ୍ରାହକ ଥିବା ବେଳେ ୧୧ଟି ସବ୍‌ଡିଭିଜନ୍‌ରେ ଗଠିତ ସ୍କ୍ୱାଡଗୁଡ଼ିକର କାର୍ଯ୍ୟଶୈଳୀକୁ ଅଧିକ୍ଷଣ ଯନ୍ତ୍ରୀ ବେହେରା ନିରୀକ୍ଷଣ କରୁଛନ୍ତି। ବିଭାଗ ବଳକା ବିଲ୍ ଆଦାୟ କରୁଥିବା ବେଳେ ଜିଲାର ବିଭିନ୍ନ ସ୍ଥାନରେ ଓହଳି ପଡ଼ିଥିବା ବିଦ୍ୟୁତ୍ ତାରକୁ ମରାମତି କରିବା ଓ ମୁକୁଳା ପଡ଼ିଥିବା ଟ୍ରାନ୍ସଫର୍ମର ଚାରିପଟେ ତାର ବାଡ଼ ବୁଲାଇବା ନିମନ୍ତେ ଗ୍ରାହକମାନେ ଦାବି କରିଛନ୍ତି।

# ଫାଇନାନ୍ସ କମ୍ପାନୀ କର୍ମଚାରୀଙ୍କଠାରୁ ଲୁଟ୍

**ଖୁଣ୍ଟା, ୧୨।୩(ଡି.ଏନ୍.ଏ.)**

ଖୁଣ୍ଟା ଥାନା ଅଧୀନ ବଡ଼ କରଞ୍ଜିଆ - ବାହାନଡା ରାସ୍ତାରେ ଦୁର୍ବୃତ୍ତମାନେ ବନ୍ଧୁକ ଦେଖାଇ ଜଣେ ଘରୋଇ ଫାଇନାନ୍ସ କମ୍ପାନୀର ମହିଳା କର୍ମଚାରୀଙ୍କଠାରୁ ସ୍କୁଟି ଓ ୬୫ ହଜାର ଟଙ୍କା ଲୁଟିନେଇଥିବା ସମ୍ପର୍କରେ ଖୁଣ୍ଟା ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା(ନଂ.୩୪/୨୦୨୦) ରୁଜୁ କରି ତଦନ୍ତ ଜାରି ରଖିଛି। ଲୁଟର ଶିକାର ହୋଇଥିବା ମହିଳା କର୍ମଚାରୀ ଜଣକ ହେଲେ ବାଲେଶ୍ୱର ଅଞ୍ଚଳର। ସେ ବାରିପଦାସ୍ଥିତ ଏକ ଘରୋଇ ଫାଇନାନ୍ସ କମ୍ପାନୀର ଫିଲଡ଼ କ୍ରେଡିଟ ଅଫିସର ଭାବେ କାର୍ଯ୍ୟ କରୁଥିଲେ। ବୁଧବାର ବଡ କରଞ୍ଜିଆ ଗ୍ରାମର ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀଗୁଡିକ ଠାରୁ କିସ୍ତି ଟଙ୍କା ଆଦାୟ ପାଇଁ ଯାଇଥିଲେ। ତେବେ ଅପରାହ୍ନ ପ୍ରାୟ ସାଢେ ୫ଟା ସମୟରେ ସେ ଆଦାୟ ଟଙ୍କା ଓ ଅଶ୍ୟକୀୟ କାଗଜପତ୍ର ନେଇ ସ୍କୁଟି ଯୋଗେ ଫେରୁଥିଲେ। ବାହାନଡା ରାସ୍ତାର ଏକ ନିଛାଟିଆ ସ୍ଥାନରେ ବାଇକ ଧରି ପୂର୍ବରୁ ଜଗି ରହିଥିବା ୩ ଯୁବକ ତାଙ୍କ ସ୍କୁଟିକୁ ଧକ୍କା ଦେବାରୁ ସେ ତଳେ ପଡ଼ି ଯାଇଥିଲେ। ଏହି ସୁଯୋଗରେ ଦୁର୍ବୃତ୍ତମାନେ ବନ୍ଧୁକ ଦେଖାଇ ତାଙ୍କଠାରୁ ସ୍କୁଟି, ଟଙ୍କା ଥିବା ଏକ ବ୍ୟାଗ ଓ ତାଙ୍କ ମୋବାଇଲ ଫୋନ ଲୁଟି ଚମ୍ପଟ ମାରିଥିବା ଅଭିଯୋଗ ହୋଇଛି।

# ୧୧ରୁ ମେଘାସନୀ ମହୋତ୍ସବ



ବୈଠକରେ ଉପସ୍ଥିତ କର୍ମକର୍ତ୍ତା ।

**କପ୍ତିପଦା, ୧୨।୩(ଡି.ଏନ୍.ଏ.)**

କପ୍ତିପଦା ବ୍ଲକ ଅଧୀନ ନୁଦଡ଼ିହାସ୍ଥିତ ଲାଲବାହାଦୂର ଉଚ୍ଚ ବିଦ୍ୟାଳୟରେ ମେଘାସନୀ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମହୋତ୍ସବ କମିଟିର ସଭାପତି ସର୍ବେଶ୍ୱର ରାଉତ ଅଧକ୍ଷତା କରିଥିଲେ। ଏହି ବୈଠକରେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ଯୋଗ ଦେଇ ମହୋତ୍ସବ ପାଇଁ ପ୍ରସ୍ତୁତି, ଚୂଡ଼ାନ୍ତ ରୂପରେଖ ଓ ସଫଳତାର ବିଭିନ୍ନ ଦିଗରେ ଉପରେ ଆଲୋକପାତ କରିଥିଲେ। ମହୋତ୍ସବ କମିଟିର ସମ୍ପାଦକ ଅଧ୍ୟାପକ ନକୁଳ ଜେନା, ଉପଦେଷ୍ଟା ଗଣନାଥ ମହାନ୍ତି, ପ୍ରତାପ ଚନ୍ଦ୍ର ନାୟକ, ଗୌରଚନ୍ଦ୍ର ଦାସ, ପ୍ରଫୁଲ୍ଲ କୁମାର ଖିଲାର ପ୍ରମୁଖ ଯୋଗ ଦେଇ ଆଗାମୀ ଏପ୍ରିଲ ୧୧ ଓ ୧୨ ତାରିଖ ଦୁଇ ଦିନ ଧରି ଏହି ଉତ୍ସବ ଆୟୋଜନ କରାଯିବ ବୋଲି ନିଷ୍ପତ୍ତି ନେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ହରେକୃଷ୍ଣ ମହାନ୍ତି, ମନୋରଞ୍ଜନ ମଲ୍ଲିକ, ସରୋଜ କୁମାର ମହାନ୍ତି, ସବୁଜ କୁମାର ବେହେରା, ସରପଞ୍ଚ କାହ୍ନୁଚରଣ ସୋରେନ୍, ବୀଣାକର ସାହୁ, ପ୍ରତାପ ଚନ୍ଦ୍ର ବେହେରାଙ୍କ ସମେତ ଅଞ୍ଚଳର ବହୁ ବୁଦ୍ଧିଜୀବୀ ଓ ଜନସାଧାରଣ ଉପସ୍ଥିତ ଥିଲେ।

# ସାଇଁକୁଳା ଉତ୍ସବମୁଖର



ଦୋଳ ମଣ୍ଡପରେ ଶୋଭା ପାଉଥିବା ବିମାନ ।

**କୁଆମରା, ୧୨।୩(ଡି.ଏନ୍.ଏ.)**

ଗୋପବନ୍ଧୁ ନଗର ବ୍ଲକ ଅଧୀନ ସାଇଁକୁଳା ଦୋଳ ମେଳଣ ୧୧୫ ବର୍ଷରେ ପଦାର୍ପଣ କରିଛି। ଏନେଇ ସ୍ଥାନୀୟ ଅଞ୍ଚଳ ଉତ୍ସବ ମୁଖର ହୋଇ ପଡ଼ିଛି। ପାରମ୍ପରିକ ଏହି ଦୋଳ ଯାତ୍ରା ଗତ ୧୧ ତାରିଖରୁ ଆରମ୍ଭ ହୋଇଛି। ମେଳଣରେ ମୟୂରଭଞ୍ଜ ଓ ପଡ଼ୋଶୀ ବାଲେଶ୍ୱର ଜିଲାର ପ୍ରାୟ ୩୦ ହଜାରରୁ ଊର୍ଦ୍ଧ୍ୱ ଜନସମାଗମ ହୋଇଥିଲା। ବିମାନରେ ବସି ଠାକୁର ଗ୍ରାମ ପରିକ୍ରମା କରିଥିଲେ। ପରମ୍ପରା ଅନୁଯାୟୀ ଗ୍ରାମର ଦୁଇ ସାମରାୟ, ଦୁଇ ରାହାସ ବିହାରୀ ଜୀଉ, ଗୋବିନ୍ଦ ଗୋପାଳ ଜୀଉ, ଦୁଇ ରାଧା ମୋହନ ଜୀଉ, ବ୍ରଜବିନୋଦ ରାୟ ଆଦି ସାତ ଠାକୁର ଦୋଳ ମଣ୍ଡପକୁ ବିଜେ କରିଥିଲେ। ଚଳିତ ବର୍ଷ ବିମାନ ମଣ୍ଡପରେ ମୋଟ ୧୪୦ଟି ରାଧାକୃଷ୍ଣଙ୍କ ବିଗ୍ରହ ଆସି ମିଳିତ ହୋଇଛନ୍ତି। ୧୯୦୫ରେ ମିଶ୍ର ବଂଶଧରଙ୍କ ଉଦ୍ୟମରେ ଏହି ମେଳଣ ଆରମ୍ଭ ହୋଇଥିଲା। ଚଳିତ ବର୍ଷ ମେଳାରେ ପାଞ୍ଚ ଶହରୁ ଊର୍ଦ୍ଧ୍ୱ ବିଭିନ୍ନ ଷ୍ଟଲମାନ ଖୋଲା ଯାଇଛି। ଏହି ମେଳା ଦୁଇ ସପ୍ତାହ ଧରି ଚାଲିବ। କମିଟିର ସଭାପତି ବୈଦନାଥ ମିଶ୍ର, ସମ୍ପାଦକ ଚନ୍ଦ୍ରଶେଖର ଦାସଙ୍କ ସମେତ ସମସ୍ତ ସଦସ୍ୟ ମେଳଣ ପରିଚାଳନା କରିଥିଲେ। ସେହିପରି ଅନ୍ୟତମ ପର୍ଯ୍ୟଟନସ୍ଥଳୀ ଜୟପୁରଠାରେ ମଧ୍ୟ ୮୬ ତମ ଦୋଳ ମେଳଣ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ୪୨ଟି ବିମାନ ଦୋଳଗୋବିନ୍ଦ ଜୀଉଙ୍କ ମଣ୍ଡପରେ ପହଞ୍ଚି ଥିଲେ। କମିଟିର ସଭାପତି ବରଜୁ ରାଜ, ସମ୍ପାଦକ ସଚିନ୍ଦ୍ର ନାୟକ ଏବଂ ସମସ୍ତ ସଭ୍ୟ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ହୋଲିରେ ବାଇଗଣ ପୋଡ଼ା ଉତ୍ସବ

**ଝାରପୋଖରିଆ, ୧୨।୩ (ଡି.ଏନ୍.ଏ.)**

ସାରସକଣା ବ୍ଲକ୍ ଅଧୀନ ଜାଲଦା ପଞ୍ଚାୟତର ଆଦିବାସୀ ବହୁଳ ଜାମୁବଣୀ ଗ୍ରାମସ୍ଥିତ ବାଙ୍କବିହାରୀ ଜୀଉଙ୍କ ପୀଠରେ ହୋଲି ଉପଲକ୍ଷେ ବାଇଗଣ ପୋଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଗ୍ରାମବାସୀମାନେ ଗ୍ରାମର ମଧ୍ୟ ଭାଗରେ ପ୍ରାୟ ୨୦/୨୫ ଫୁଟ ଉଚ୍ଚର ଏକ ନଡ଼ାଖମ୍ବ ତିଆରି କରିଥାନ୍ତି। ଫଗୁ ଦଶମୀ ପୂର୍ଣ୍ଣିମା ତିଥିରେ ଆକାଶରେ ଚନ୍ଦ୍ରଙ୍କ ପୂର୍ଣ୍ଣ ଆଗମନ ଦେଖି ମୁଖ୍ୟ ପୂଜକ ଆଶିଷ ପଣ୍ଡାଙ୍କ ପୌରୋହିତ୍ୟରେ ଗ୍ରାମର ମୁଖିଆ ସେବାୟତ ଜଗନ୍ନାଥ ଦାସଙ୍କ ସଂକଳ୍ପରେ ନଡ଼ାଖମ୍ବ ନିକଟରେ ଘଟସ୍ଥାପନା କରାଯାଇଥାଏ। ପୂଜା ମାର୍ଜନା କରି ବାଙ୍କବିହାରୀ ଜୀଉଙ୍କୁ ଆମନ୍ତ୍ରଣ କରାଯାଇଥାଏ। ଶ୍ରୀଜୀଉଙ୍କ ନିର୍ଦ୍ଦେଶରେ ଅଗ୍ନି ଦେବତାଙ୍କୁ ଆବାହନ କରି ନଡ଼ାଖମ୍ବରେ ଅଗ୍ନି ସଂଯୋଗ କରିଥାନ୍ତି। ଏଥିପାଇଁ ଢ଼ୋଲ, ମହୁରୀ, ଖୋଳ ସଂକୀର୍ତ୍ତନର ବ୍ୟବସ୍ଥା ମଧ୍ୟରେ ଗ୍ରାମର ପ୍ରତ୍ୟେକ ପରିବାରର ସଦସ୍ୟ ଯୋଗଦାନ କରି ଉକ୍ତ ଜଳନ୍ତା ଅଗ୍ନିରେ ବାଇଗଣ ପୋଡ଼ିଥାନ୍ତି। ଏହି ବାଇଗଣ ପୋଡ଼ାକୁ ପ୍ରତି ପରିବାରର ଲୋକେ ପ୍ରସାଦ ରୂପେ ସେବନ କରନ୍ତି। ଏହି ପ୍ରସାଦ ସେବନ ଦ୍ୱାରା ଏକ ବର୍ଷ ପର୍ଯ୍ୟନ୍ତ କିଛି ଚର୍ମ ରୋଗ ହୁଏ ନାହିଁ ଓ ଏହି ସମୟ ମଧ୍ୟରେ ଗାଁରେ ମହାମାରୀ, ହାଡ଼ଫୁଟି, ମିଳିମିଳା, ଝାଡ଼ାବାନ୍ତି ପ୍ରମୁଖ ପ୍ରବେଶ କରିପାରେ ନାହିଁ ବୋଲି କଥିତ ରହିଥିବା ଗ୍ରାମର ବୟୋଜ୍ୟେଷ୍ଠ ଦେବେନ୍ଦ୍ର ଦିଗାର ଓ ନିଶାମଣୀ ଦିଗାର ମତ ପ୍ରକାଶ କରିଛନ୍ତି। ଗ୍ରାମବାସୀ ସ୍ଥାପନ ହୋଇଥିବା ଘଟକୁ ହରିନାମ ସଂକୀର୍ତ୍ତନ ମଧ୍ୟରେ ଗ୍ରାମର ମୁକ୍ତେଶ୍ୱର ମହାଦେବଙ୍କ ଦର୍ଶନ କରାଇ ମନ୍ଦିରକୁ ଆଣି ବାଙ୍କବିହାରୀଜୀଉଙ୍କୁ ଭେଟ କରାଇଥାନ୍ତି। ଜୀଉଙ୍କ ଚଳନ୍ତି ପ୍ରତିମାକୁ ଆଣି ବିମାନରେ ସ୍ଥାପନା କରିଥାନ୍ତି।

# ଯଶିପୁରରେ ସିଏଏ, ଏନ୍‌ଆର୍‌ସିକୁ ବିରୋଧ

**ଯଶିପୁର, ୧୨।୩(ଡି.ଏନ୍.ଏ.)**

ସିଏଏ, ଏନ୍‌ଆରସି, ଏନ୍‌ପିଆରକୁ ବିରୋଧ କରି ଯଶିପୁରଠାରେ ଏକ ଗଣ କନଭେନଶନ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଅଞ୍ଚଳର ଶିକ୍ଷାବିତ, ବୁଦ୍ଧିଜୀବୀ ଓ ସଚେତନ ନାଗରିକମାନଙ୍କୁ ନେଇ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିକ୍ଷକ ନେତା କ୍ଷୀରୋଦ କୁମାର କର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସାମ୍ପ୍ରଦାୟିକ ବିଭେଦ ସୃଷ୍ଟିକାରୀ ଆଇନ ପ୍ରତ୍ୟାହାର କରିବା ପାଇଁ ଦାବି କରିବା ସହ ଏନେଇ ଚାଲିଥିବା ଆନ୍ଦୋଳନକୁ ତୀବ୍ର କରିବାକୁ ସେ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ଶିକ୍ଷକ ତରୁଣ କୁମାର ପାତ୍ର, ପୂର୍ବତନ ବିଧାୟକ ଶମ୍ଭୁନାଥ ନାଏକ, ସାଦ ବଦ୍ରା, ଡ. ଦୁଃଖବନ୍ଧୁ ମହାନ୍ତ, ଛାତ୍ରନେତା ମଧୁସୂଦନ ନାଏକ, ଯୁବ ନେତା ଲଳିତ କୁମାର ମହାନ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




ଗଣ କନଭେନଶନରେ ଯୋଗ ଦେଇଥିବା ଅତିଥିମାନେ।

# ପରିତ୍ୟକ୍ତ କୂଅରୁ ମିଳିଲା ନିଖୋଜ ବୃଦ୍ଧଙ୍କ ମୃତଦେହ

**ରାଇରଙ୍ଗପୁର, ୧୨।୩(ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲା ଗୋରୁମହିଷାଣୀ ଥାନା ଅଧୀନ ସରଗଡ଼ା ଗ୍ରାମ ନିକଟସ୍ଥ ଏକ ପରିତ୍ୟକ୍ତ କୂଅରୁ ୬ ଦିନ ପୂର୍ବେ ନିଖୋଜ ଥିବା ଜଣେ ବୃଦ୍ଧଙ୍କ ମୃତଦେହ ପୋଲିସ ଉଦ୍ଧାର କରିଛି। ମୃତକ ହେଲେ ସେହି ଗ୍ରାମ ଭୁୟାଁସାହି ବସ୍ତିର ଗ୍ରାମ୍ୟ ଡାକୁଆ ଦ୍ୱାରୀ ଦେହୁରୀ। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୪/୨୦୨୦) ରୁଜୁ କରି ତଦନ୍ତ ଜାରି ରଖିଛି। ମୃତ ଦ୍ୱାରୀ ଗତ ଶୁକ୍ରବାର କୌଣସି କାମରେ ଘରୁ ବାହାରକୁ ଯାଇ ଆଉ ଫେରି ନ ଥିଲେ। ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ନ ପାଇବାରୁ ସୋମବାର ଥାନାରେ ଅଭିଯୋଗ କରିଥିଲେ। ଗୁରୁବାର ପୋଲିସ ମୃତଦେହ ଜବତ କରି ରାଇରଙ୍ଗପୁର ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ଜିଲାପାଳଙ୍କ କପ୍ତିପଦା ଗସ୍ତ



ମୋ ସରକାର କାର୍ଯ୍ୟକ୍ରମ ସମ୍ପର୍କରେ ଜିଲାପାଳ ଆଲୋଚନା କରୁଛନ୍ତି।

**କପ୍ତିପଦା, ୧୨।୩(ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲାପାଳ ବିନୀତ ଭରଦ୍ୱାଜ ବୁଧବାର କପ୍ତିପଦା ବ୍ଲକ ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟର ସମୀକ୍ଷା କରି ଫେରିଛନ୍ତି। ପ୍ରଥମେ ତହସିଲ କାର୍ଯ୍ୟାଳୟକୁ ଆସି 'ମୋ ସରକାର' କାର୍ଯ୍ୟକ୍ରମ ସମ୍ପର୍କରେ ସମୀକ୍ଷା କରିଥିଲେ। ତହସିଲରେ ରାଜସ୍ୱ ଆଦାୟ କମ୍ ଥିବାରୁ ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ପରେ ବ୍ଲକ୍ କାର୍ଯ୍ୟାଳୟରେ ପହଞ୍ଚି ଆସୁଥିବା ସମସ୍ତ ପ୍ରକାର ଅଭିଯୋଗକୁ ପଞ୍ଜୀକରଣ କରି ଅନ୍‌ଲାଇନ୍ କରିବାକୁ ପରାମର୍ଶ ଦେଇଥିଲେ। ବିଶେଷ କରି ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ସ୍ୱଚ୍ଛ ଭାରତରେ ପାଇଖାନା ନିର୍ମାଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହାପରେ କପ୍ତିପଦା ବାଳିକା ଉଚ୍ଚ ବିଦ୍ୟାଳୟକୁ ଯାଇ ପିଲାମାନଙ୍କୁ ପାଠ ପଢ଼ାଇବା ସହିତ ମଧ୍ୟାହ୍ନ ଭୋଜନ ଖାଇଥିଲେ। ଦିବା ୧ ଘଟିକାରେ ଶାଳଚୁଆ ମଣ୍ଡିକୁ ଯାଇ ଏଫ୍‌ଏକ୍ୟୁ ଧାନର ମାନ ଠିକ୍ ଭାବରେ ନିର୍ଦ୍ଧାରଣ କରି ଚାଷୀମାନଙ୍କଠାରୁ ଧାନ କିଣିବାକୁ ନିର୍ଦ୍ଦେଶ ଦେବା ସହିତ ପ୍ରକୃତ ଚାଷୀ ଯେପରି ଏଥିରୁ ବଞ୍ଚିତ ନ ହେବେ ସେଥିପ୍ରତି ଧ୍ୟାନ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳଙ୍କ ସହିତ କପ୍ତିପଦା ଉପଜିଲାପାଳ ଭଗବାନ ବେହେରା, ବିଡ଼ିଓ ସତ୍ୟନାଥ ନାଏକ, ତହସିଲଦାର ରାଧାରଞ୍ଜନ ଦାସ, ଜିଲାଯୋଗାଣ ଅଧିକାରୀ କିଶୋର ମହାରଣା, ସହକାରୀ ନିର୍ବାହୀ ଯନ୍ତ୍ରୀ ସଦାଶିବ ବେହେରା, ଏପିଓ ବିମଳ କୁମାର ମହାପାତ୍ର, ଏମ୍.ଆଇ. ଭାସ୍କର ବାରିକ୍, ଏବିଇଓ ଘନଶ୍ୟାମ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରକାଶ ପାଉନି ପଠାଣି ସାମନ୍ତ ମେଧାବୃତ୍ତି ପରୀକ୍ଷା ଫଳ

- **ବିଳମ୍ବ ନେଇ ବଢ଼ିଚାଲିଛି ଅସନ୍ତୋଷ**
- **ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ରହୁନି ତାଳମେଳ**

**ବଡ଼ସାହି, ୧୨।୩(ସ୍ୱ.ପ୍ର.)**

ବଡ଼ସାହି ବ୍ଲକରେ ପଠାଣିସାମନ୍ତ ମେଧାବୃତ୍ତି ପରୀକ୍ଷା ଫଳ ପ୍ରକାଶ ପାଉ ନ ଥିବାରୁ ଛାତ୍ରୀଛାତ୍ର ତଥା ଅଭିଭାବକଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ବିଭାଗୀୟ ଅଧିକାରୀଙ୍କ ଅବହେଳାରୁ ଛାତ୍ରୀଛାତ୍ରମାନେ ସରକାରୀ ବୃତ୍ତିରୁ ବଞ୍ଚିତ ହେବାକୁ ଯାଉଥିବା ଅଭିଯୋଗ ହୋଇଛି।

୨୦୧୮-୧୯ ଶିକ୍ଷା ବର୍ଷରେ ଏହି ବ୍ଲକରେ ୧୦୩ଜଣ ଛାତ୍ରୀଛାତ୍ର ପଠାଣିସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷା ଦେଇଥିଲେ । ଶିକ୍ଷା ବ୍ୟବସ୍ଥା ଅନୁଯାୟୀ ବ୍ଲକରେ ୧୦ଜଣ ଶୀର୍ଷ ତାଲିକାରେ ରହିବାକୁ ନିୟମ ରହିଛି। ମାତ୍ର ସେଥିମଧ୍ୟରୁ ୧୧ଜଣ କୃତିତ୍ୱ ହାସଲ କରିଛନ୍ତି । ଶୀର୍ଷ ତାଲିକାରେ ୬ଜଣ ଛାତ୍ରୀଛାତ୍ର କ୍ରମାନୁସାରେ ରହିଥିବା ବେଳେ ଅବଶିଷ୍ଟ ୫ଜଣ ସମାନ ସଂଖ୍ୟକ ୬୫ ନମ୍ବର ରଖିଛନ୍ତି । ତେବେ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ୫ଜଣ ଛାତ୍ରୀଛାତ୍ରଙ୍କ ସ୍କୁଲରେ ଥିବା ଗଣିତ ବିଷୟରେ ରଖିଥିବା ସର୍ବୋଚ୍ଚ ନମ୍ବରକୁ ଭିତ୍ତିକରି ୪ଜଣକୁ ମନୋନୀତ କରାଯିବ ବୋଲି ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ଚିଠି ପ୍ରଦାନ କରାଯାଇଛି । ମାତ୍ର ଦୀର୍ଘ ଏକ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ ଏହାକୁ ଅବମାନନା କରିବା ସହିତ ଅବହେଳା ପ୍ରଦର୍ଶନ କରାଯାଇ କୃତୀ ଛାତ୍ରୀଛାତ୍ର ଚୟନ କରିବାରେ ଅହେତୁକ ବିଳମ୍ବ କରାଯାଉଛି । ତେବେ ଜିଲାରେ ଥିବା ଅବଶିଷ୍ଟ ୨୫ଟି ବ୍ଲକର ଛାତ୍ରୀଛାତ୍ରମାନଙ୍କୁ ମେଧାବୃତ୍ତି ରାଶି ପ୍ରଦାନ ପାଇଁ ପ୍ରସ୍ତୁତି ଚାଲିଥିବା ବେଳେ ବଡସାହି ବ୍ଲକର ଛାତ୍ରୀଛାତ୍ରମାନେ ଏଥିରୁ ବଞ୍ଚିତ ହେବାକୁ ଯାଉଛନ୍ତି। ଏପରିକି ଚଳିତ ୨୦୧୯-୨୦ରେ ପଠାଣିସାମନ୍ତ ମେଧାବୃତ୍ତି ପରୀକ୍ଷା ସରିଥିବା ବେଳେ ଆଉ କିଛି ଦିନ ପରେ ଏହାର ଫଳାଫଳ ମଧ୍ୟ ପ୍ରକାଶ ପାଇବ । ମାତ୍ର ଅଦ୍ୟାବଧି ପୂର୍ବ ବର୍ଷର ଫଳାଫଳ ଘୋଷଣା କରାଯାଇ ନ ଥିବାରୁ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ଏ ସମ୍ପର୍କରେ ଦାୟିତ୍ୱରେ ଥିବା ଜିଲା ବିଜ୍ଞାନ ନିରୀକ୍ଷକ ବେଣୁଧର ଚାନ୍ଦ କୁହନ୍ତି, ପଠାଣିସାମନ୍ତ ମେଧାବୃତ୍ତି ପରୀକ୍ଷା ଫଳ ପ୍ରକାଶ କରିବା ପାଇଁ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ବଡ଼ସାହି ବିଇଓଙ୍କ କାର୍ଯ୍ୟାଳୟକୁ ଚିଠି ପ୍ରଦାନ କରାଯାଇଛି। ମାତ୍ର ଅଦ୍ୟାବଧି ବିଇଓ କାର୍ଯ୍ୟାଳୟରୁ କୌଣସି ଉତ୍ତର ମିଳି ନ ଥିବା ବେଳେ ପୁନଶ୍ଚ ଚିଠି ମାଧ୍ୟମରେ ଅବଗତ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି । ପରୀକ୍ଷା ଦାୟିତ୍ୱରେ ଥିବା ଏବିଇଓ ପଦ୍ମଲୋଚନ ଦାସ କୁହନ୍ତି, ଅଦ୍ୟାବଧି ଜିଲା କାର୍ଯ୍ୟାଳୟରୁ କୌଣସି ଚିଠି ବ୍ଲକ କାର୍ଯ୍ୟାଳୟକୁ ଆସି ନାହିଁ। ଚିଠି ଆସିଲେ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯାଇ ପରୀକ୍ଷା ଫଳ ପ୍ରକାଶ କରାଯିବ। ତେବେ ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ତାଳମେଳ ରହୁ ନ ଥିବାରୁ ବିଦ୍ୟାର୍ଥୀମାନେ କୃତିତ୍ୱ ହାସଲ କରି ମଧ୍ୟ ବୃତ୍ତି ପାଇବାରୁ ବଞ୍ଚିତ ହୋଇଛନ୍ତି। ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ନେଇ ଅବହେଳା ପ୍ରଦର୍ଶନ କରୁଥିବା ଅଧିକାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଭିଭାବକ ମହଲରେ ଦାବି ହେଉଛି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ଶୁକ୍ରବାର, ମାର୍ଚ୍ଚ ୧୩/୨୦୨୦ Balasore, Friday, March 13/2020

# ପ୍ରାର୍ଥନା କ୍ଲାସରେ ଆଣ୍ଠେଇଲେ ପିଲା
## ସୋସିଆଲ ମିଡିଆରେ ଫଟୋ ଭାଇରାଲ

**ବାରିପଦା ଅଫିସ, ୧୨।୩**

ବାରିପଦାରେ ଥିବା ଏକ ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର କେତେକ ଛାତ୍ର ପ୍ରାର୍ଥନା କ୍ଲାସରେ ଆଣ୍ଠେଇଥିବା ଫଟୋ ସୋସିଆଲ ମିଡ଼ିଆରେ ଭାଇରାଲ୍ ହୋଇଛି। ଭାଇରାଲ ହୋଇଥିବା ଫଟୋରେ ପ୍ରାର୍ଥନା ସମୟରେ ପ୍ରଧାନ ଶିକ୍ଷୟିତ୍ରୀ ଆଗରେ ଛିଡ଼ା ହୋଇଥିବା ବେଳେ ତାଙ୍କ ସମ୍ମୁଖରେ ଦୁଇ ଜଣ ଛାତ୍ର ଆଣ୍ଠେଇଥିବା ଦୃଶ୍ୟ ଦେଖିବାକୁ ମିଳୁଛି। ସରକାରୀ ବିଦ୍ୟାଳୟ ଦଣ୍ଡମୁକ୍ତ ଅଞ୍ଚଳ ହୋଇଥିବା ବେଳେ ଛାତ୍ରମାନଙ୍କୁ ବିଦ୍ୟାଳୟ କର୍ତ୍ତୃପକ୍ଷ ଆଣ୍ଠେଇବା ଭଳି ଦଣ୍ଡ ଦେବା ଘଟଣାକୁ ସାଧାରଣରେ ନିନ୍ଦା କରାଯାଇଛି।

ମିଳିଥିବା ସୂଚନା ଅନୁସାରେ ନବମ ଶ୍ରେଣୀରେ ପଢୁଥିବା କେତେକ ଛାତ୍ର ଦୁଷ୍ଟ ହେବା ସହିତ ବିଦ୍ୟାଳୟରେ ବିଶୃଙ୍ଖଳା ପରିସ୍ଥିତ ସୃଷ୍ଟି କରୁଥିଲେ। କଡ଼ା ତାଗିଦ୍ ପରେ ନ ମାନିବାରୁ ସେମାନଙ୍କୁ ଗୁରୁବାର ପ୍ରାର୍ଥନା କ୍ଲାସ ସମୟରେ ଆଣ୍ଠେଇ ଦିଆଯାଇଥିଲା। ଏହା ପରେ ସେମାନଙ୍କୁ କ୍ଲାସରେ ମଧ କାଉନ୍‌ସେଲି କରାଯାଇଥିଲା। ଏ ନେଇ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ପଚାରିବାରୁ ସେ କୁହନ୍ତି ଯେ, ପିଲାମାନଙ୍କୁ ଦଣ୍ଡ ଦିଆଯାଇ ନ ଥିଲା ସେମାନଙ୍କୁ ଭଲ ବାଟକୁ ଆଣିବା ପାଇଁ ଅନୁଶାସନ କରାଯାଇଥିଲା। ଆକ୍ରୋଶ ମନୋଭାବ ରଖି କେହି ମୋତେ ଓ ବିଦ୍ୟାଳୟକୁ ବଦ୍‌ନାମ କରୁଥିବା ପ୍ରଧାନ ଶିକ୍ଷୟିତ୍ରୀ ପ୍ରକାଶ କରିଛନ୍ତି। ସେହିପରି ବିଦ୍ୟାଳୟ ପରିଚାଳନା କମିଟିର ଜଣେ ସଦସ୍ୟା ବିଦ୍ୟାଳୟକୁ ବଦନାମ କରିବା ପାଇଁ ଏଭଳି ଫଟୋ ଉଠାଇ ଭାଇରାଲ୍ କରାଯାଇଥିବା କହିଛନ୍ତି।

## ସଂଘବଦ୍ଧ ଆକ୍ରମଣ: ୪ ଗିରଫ

**ପଦ୍ମପୁର, ୧୨।୩ (ଡି.ଏନ.ଏ.)**

ରାସ୍ତା ଉପରେ ଏକ ପରିବାରକୁ ଆକ୍ରମଣ ଅଭିଯୋଗରେ ଗୁରୁବାର ୪ ଜଣଙ୍କୁ ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ନାୟକାଣିଡିହୀ ଥାନା ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବାଲିମେଦ ପଞ୍ଚାୟତ ପୁରୁଷୋତ୍ତମପୁର ଗ୍ରାମର ରମାକାନ୍ତ ନାୟକ, କାଶୀନାଥ ନାୟକ, ଶାନ୍ତିଲତା ନାୟକ ଓ ସଞ୍ଜୁଲତା ନାୟକ। ଏ ନେଇ ଥାନାରେ ଏକ ମାମଲା(ନଂ.୩୧/୨୦) ରୁଜୁ ହୋଇଛି। ସୂଚନା ଅନୁଯାୟୀ, ଏହି ଗ୍ରାମର ହରିହର ନାୟକ ବୁଧବାର ରାତିରେ ବଜାରରୁ ଘରକୁ ଫେରୁଥିବାବେଳେ ତାଙ୍କୁ ସଂଘବଦ୍ଧ ଆକ୍ରମଣ କରାଯାଇଥିଲା। ଚିତ୍କାର ଶୁଣି ତାଙ୍କ ମା' ବାପା ସେଠାରେ ପହଞ୍ଚି ଆକ୍ରମଣକାରୀଙ୍କୁ ବିରୋଧ କରିବାରୁ ସେମାନେ ସମସ୍ତଙ୍କୁ ଲୁହା ରଡ୍ ଓ ବାଡ଼ିରେ ପିଟିଥିଲେ। ଏ ନେଇ ହରିହରଙ୍କ ଭାଇ ପଙ୍କଜଙ୍କ ଅଭିଯୋଗକ୍ରମେ ପୋଲିସ ଗ୍ରାମର ୧୧ଜଣଙ୍କ ନାମରେ ମାମଲା ରୁଜୁ କରିଛି। ସେମାନଙ୍କ ମଧ୍ୟରୁ ୪ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଥିବା ତଦନ୍ତକାରୀ ଅଧିକାରୀ ଦିଲୀପ କୁମାର ଦେହୁରୀ କହିଛନ୍ତି।

## ମାଉସୀଙ୍କୁ ମାରିଦେଲା ପୁତୁରା

**ବହଳଦା/ରାଇରଙ୍ଗପୁର, ୧୨।୩(ଡି.ଏନ୍.ଏ.):** ମୟୂରଭଞ୍ଜ ଜିଲା ବହଳଦା ଥାନା ଅଧୀନ ଦଲଡ଼ିହା ଗ୍ରାମରେ ବୁଧବାର ରାତିରେ ପୁତୁରା କୁରାଢ଼ି ଚୋଟରେ ମାଉସୀଙ୍କ ମୃତ୍ୟୁ ଘଟିଛି। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏନେଇ ଥାନାରେ ଏକ ମାମଲା(ନଂ.୨୦/୨୦୨୦) ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଛି।

ପୋଲିସ ସୂଚନା ଅନୁଯାୟୀ, ବହଳଦା ଥାନା ଚହଲାପଦା ଗ୍ରାମର କାହ୍ନା ନାଏକ ଦଲଡ଼ିହା ଗ୍ରାମସ୍ଥିତ ମାମୁ ଘରକୁ ବୁଲିବାକୁ ଆସିଥିଲେ। ସେଠାକୁ ତାଙ୍କ ମାଉସୀ ଜାଉନି ନାଏକ ମଧ ଅସିଥିଲେ। ତେବେ ବୁଧବାର ରାତିରେ କାହ୍ନା ଏକ କୁରାଢିରେ ମାଉସୀ ଜାଉନିଙ୍କୁ ହାଣି ନିର୍ମମ ହତ୍ୟା କରିଥିଲେ। ପୋଲିସ ସନ୍ଧାନୀ କୁକୁର, ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ହତ୍ୟାକାଣ୍ଡରେ ବ୍ୟବହୃତ କୁରାଢ଼ିକୁ ପୋଲିସ ଜବତ କରିଛି। ହତ୍ୟାକାଣ୍ଡର କାରଣ ସ୍ପଷ୍ଟ ହୋଇନି।

## ବଜ୍ରପାତରେ ଶ୍ରମିକଙ୍କ ଜୀବନ ଗଲା

**ଠାକୁରମୁଣ୍ଡା, ୧୨।୩(ଡି.ଏନ୍.ଏ.):** ମୟୂରଭଞ୍ଜ ଜିଲା ଶୁକ୍ରୁଳି ବ୍ଲକ ଅଧୀନ ଆଦିପୁର ଗ୍ରାମରେ ଗୁରୁବାର ବଜ୍ରପାତରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସେହି ଗ୍ରାମର ବୁଧୁରାମ ଦାସ। ଅପରାହ୍ନ ସାଢେ ଗୋଟାଏ ହଠାତ ପବନ ସହିତ ବର୍ଷା ହୋଇଥିଲା। ସେ ପକାଇଥିବା ଇଟାରେ ପଲିଥିନ ଘୋଡାଇବା ପାଇଁ ଯାଇଥିବା ବେଳେ ବଜ୍ରପାତର ଶିକାର ହୋଇଥିଲେ।









3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ